# ପ୍ରଭାବଶାଳୀଙ୍କ ଇଙ୍ଗିତରେ କ୍ରୋମାଇଟ ଲୁଟ୍

ଯାଜପୁର,୧୮।୩
(ହର୍ଷବର୍ଦ୍ଧନ ବେହେରା) :

ଶାହା କମିଶନଙ୍କ ରିପୋର୍ଟ ଆଧାରରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମକୋର୍ଟ) ୨୦୧୭ ଅଗଷ୍ଟ ୩୧ରେ ଖଣିଜ ପଦାର୍ଥ ଲୁଟିଥିବା ୧୩୧ ଲିଜ୍‌ଧାରୀଙ୍କଠାରୁ କ୍ଷତିପୂରଣ ବାବଦକୁ ୧୯,୧୭୪ କୋଟି ଟଙ୍କା ଆଦାୟ କରିବାକୁ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଥାପି ଏବେ ସୁଦ୍ଧା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଖିଲାପକାରୀ ଖଣି ଲିଜ୍‌ଧାରୀଙ୍କ ଉପରେ ସୁଧ ସହ ପ୍ରାୟ ୩ ହଜାର କୋଟି ଟଙ୍କା ବାକି ପଡିଛି। ଶାହା କମିଶନଙ୍କ ତଦନ୍ତ ରିପୋର୍ଟକୁ ପ୍ରାୟ ୧୫ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିବାବେଳେ ଏବେ ପୁଣି ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳରେ କ୍ରୋମାଇଟ୍ ଲୁଟ୍ ବଢ଼ିବାରେ ଲାଗିଛି। ନିୟମିତ ବ୍ୟବଧାନରେ କ୍ରୋମାଇଟ୍ ଲୁଟ୍ ଉପରେ ଚଢ଼ାଉ କରାଯାଉଥିଲେ ହେଁ ଏଥିରେ ସମ୍ପୃକ୍ତ ମାଷ୍ଟର ମାଇଣ୍ଡଙ୍କୁ ଗିରଫ କରିବାରେ ପ୍ରଶାସନ ବିଫଳ ହେଉଛି। ଫଳରେ ଚଢ଼ାଉ କରିବାର କିଛିଦିନ ଅନ୍ତରାଳରେ ପୁଣି ବନ୍ଦ ଥିବା ଖଣି କିମ୍ବା ପୋତାଖଣିରୁ କେତେଜଣ ପ୍ରଭାବଶାଳୀ ନେତାଙ୍କ ଇଙ୍ଗିତରେ କ୍ରୋମାଇଟ୍ ଲୁଟ୍ ଅଣାୟତ୍ତ ହେବାରେ ଲାଗିଛି।

ଯାଜପୁର ଜିଲା ସୁକିନ୍ଦା ଅଞ୍ଚଳର ମହାଗିରି ପର୍ବତମାଳା ଚତୁଃପାର୍ଶ୍ୱରେ ଓଡ଼ିଶା ଖଣି ନିଗମ, ଟାଟା ଷ୍ଟିଲ, ଫେକର, ମିଶ୍ରିଲାଲ, ଆଇଡିସି, ବିଶି ମହାନ୍ତି ଏଣ୍ଡ୍ ସନ୍, ଇମ୍ଫା ଆଦି ଦେଶର ବହୁ ନାମୀ କମ୍ପାନୀ ନିଜର ବ୍ୟବସାୟ ମେଲାଇ ସାରିଛନ୍ତି। ଏହାବାଦ୍ କ୍ରୋମାଇଟ୍ ଖଣିର ଲିଜ୍ ପ୍ରଦାନ କରାଯାଇ ନ ଥିବାବେଳେ ଗତ ପ୍ରାୟ ଦେଢ଼ବର୍ଷ ହେବ ପ୍ରଭାବଶାଳୀ ଓ ଚୋରା ବ୍ୟବସାୟୀମାନଙ୍କ ପାଇଁ ଏହା ସୁଯୋଗ ସୃଷ୍ଟି କରିଛି। ୨୦୨୫ ନଭେମ୍ବର ୪ ବିଳମ୍ବିତ ରାତିରେ କାଳିଆପାଣି ଅଞ୍ଚଳର ଭୀମଟାଙ୍ଗର ବନ୍ଦ କ୍ରୋମାଇଟ୍ ଖଣି ଜଗୁଥିବା ଜଗୁଆଳି ହାଡ଼ିବନ୍ଧୁ ଦାସ ଓ ପୀତବାସ ମାରାଣ୍ଡିଙ୍କୁ କ୍ରୋମାଇଟ ଲୁଟ୍‌କାରୀମାନେ ମାଡ଼ ମାରିବା ସହ ତାଙ୍କୁ ଅପହରଣ କରି ନେଇ ଜଙ୍ଗଲ ମଝିରେ ଛାଡ଼ି ଚାଲିଯାଇଥିଲେ। ଉଭୟ ଜଗୁଆଳି କାଳିଆପାଣି ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ହେଲେ ଲୁଟ୍‌କାରୀମାନଙ୍କ ଏଯାଏ ପତ୍ତା ମିଳିପାରିନାହିଁ କିମ୍ବା ପୋଲିସ ହାତରେ କୌଣସି ସୁରାକ ଲାଗି ପାରିନାହିଁ। ସେହିପରି ୨୭।୫।୨୦୨୫ରେ ଭୀମଟାଙ୍ଗର ବନ୍ଦ ଖଣିରୁ ଉଚ୍ଚମାନର କ୍ରୋମାଇଟ୍ ଚୋରା ଚାଲାଣ ହେଉଥିବାବେଳେ ବନ ବିଭାଗ ପକ୍ଷରୁ ଗୋଟିଏ ହାଇୱା ଓ ଅନ୍ୟ ଏକ ମେଶିନ ଜବତ କରାଯାଇଥିଲା। ଏହି ଖଣିରୁ ପ୍ରାୟ ୩ କୋଟି ଟଙ୍କା ମୂଲ୍ୟର ୫୦ ଟ୍ରିପ୍‌ରୁ ଊର୍ଦ୍ଧ୍ୱ କ୍ରୋମାଇଟ୍ ଲୁଟ୍ ହୋଇଥିବା ସେତେବେଳେ ସୂଚନା ମିଳିଥିଲା। ହେଲେ ଏହି ଘଟଣାକୁ ପାଖାପାଖି ୧୦ ମାସ ପୂରି ଯାଇଥିଲେ ହେଁ କ୍ରୋମାଇଟ୍ ଲୁଟ୍ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଧରିବାରେ ବନ ବିଭାଗର ହାତ ଖାଲି ରହିଛି।



ଟମକା ଥାନାରେ ଅଟକ ରହିଥିବା କ୍ରୋମାଇଟ୍ ବୋଝେଇ ୨ ହାଇୱା।

ଗତ ଫେବୃୟାରୀ ୨୦ ସନ୍ଧ୍ୟାରେ କ୍ରୋମାଇଟ୍ ବୋଝେଇ ୨ଟି ୧୬ ଚକିଆ ହାଇୱାକୁ ଟମ୍‌କା ଛକର କେତେଜଣ ଯୁବକ ଅଟକ ରଖି ସ୍ଥାନୀୟ ପୋଲିସକୁ ହସ୍ତାନ୍ତର କରିଥିଲେ। ତେବେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୨ଟି ହାଇୱା କୌଶଳକ୍ରମେ ଘଟଣାସ୍ଥଳରୁ ଚମ୍ପଟ୍ ମାରିଥିବାବେଳେ ନଂ. ଓଡି ୦୨ ବିପି ୨୧୨୨ ଓ ଓଡି ୩୪ ଏଲ ୭୯୦୭ ନମ୍ବର ୨ଟି ୧୬ ଚକିଆ ହାଇୱାକୁ ଯୁବକମାନେ ହସ୍ତାନ୍ତର ପୋଲିସ ଜିମା ଦେଇଥିଲେ। ଏ ନେଇ ଟମ୍‌କା ପୋଲିସ ଖଣି ବିଭାଗକୁ ସୂଚନା ଦେଇଥିଲେ। ସୁକିନ୍ଦାର ଜଣେ ପ୍ରତିଷ୍ଠିତ ପୂର୍ବତନ ଖଣି ଠିକାଦାରଙ୍କ ପରିତ୍ୟକ୍ତ କ୍ୟାମ୍ପ୍‌ରୁ ଉକ୍ତ ଚୋରି କ୍ରୋମାଇଟ୍ ଆସିଥିବା ଟମ୍‌କା ପୋଲିସ ସୂଚନା ଦେଇଥିଲା। ଉକ୍ତ କ୍ୟାମ୍ପ୍‌ରୁ ପୂର୍ବରୁ ବହୁ ସଂଖ୍ୟକ ହାଇୱା ଗାଡ଼ିରେ କ୍ରୋମାଇଟ୍ ଚୋରାଚାଲାଣ ହୋଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସୂଚନା ମିଳିଛି। ସେଠିକାର ପରିସ୍ଥିତି ଅନୁଧ୍ୟାନ କଲେ ଏବେ ବି ୨୦୦ରୁ ଅଧିକ ଟ୍ରିପ୍ ଖଣିଜ ସାମଗ୍ରୀ ପୋତା ହୋଇ ରହିଛି। ଅନ୍ୟପକ୍ଷରେ ଖଣିଜ ବୋଝେଇ ଅଟକ ହାଇୱା ୨ଟି ବ୍ରାହ୍ମଣୀପାଳ ଅଞ୍ଚଳର ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ମାଲିକାନାରେ ରହିଥିବା ସୂଚନା ମିଳିଛି। କିନ୍ତୁ ଉପରୋକ୍ତ ଚୋରି ଘଟଣାଗୁଡ଼ିକରେ ସମ୍ପୃକ୍ତ କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବାରୁ ପୋଲିସ ପାରିବାପଣିଆକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିରୁ ପୋଲିସ କୌଣସି ପ୍ରକାର ଚାପରେ ରହିଥିବା ଅଞ୍ଚଳବାସୀ ସନ୍ଦେହ କରିଛନ୍ତି। ଆଜିକାଲି ବୈଷୟିକ ଜ୍ଞାନକୌଶଳ ବଳରେ ଗାଡ଼ି ନମ୍ବର ଅନୁସାରେ ମାଲିକଙ୍କୁ ଚିହ୍ନଟ କରି ଖଣି ଲୁଟ୍‌କାରୀଙ୍କୁ ଧରିବାରେ ସହଜ ହୋଇଥିବାବେଳେ ବନ ବିଭାଗ କିମ୍ବା ପୋଲିସର ହାତ ଖାଲି ରହିଛି। ଏଭଳି ଦୁର୍ବଳ ପ୍ରଶାସନିକ ପଦକ୍ଷେପ କାରଣରୁ ବନ୍ଦ ଖଣିଗୁଡ଼ିକରୁ ରାତିରେ ବହୁ କୋଟି ଟଙ୍କାର କ୍ରୋମାଇଟ୍ ବାହାରକୁ ଚାଲାଣ ହେଉଛି। ଏ ସମ୍ପର୍କରେ ଟମ୍‌କା ଥାନାଧିକାରିଣୀ ବିନତି ଦାସଙ୍କୁ ପଚାରିବାରେ, ଉକ୍ତ କ୍ରୋମାଇଟ୍ ଚୋରି ଘଟଣାରେ ଡ୍ରାଇଭରଙ୍କୁ କୋର୍ଟଚାଲାଣ କରାଯାଇଛି। ଗାଡ଼ି ମାଲିକଙ୍କୁ ଥାନାରେ ଉପସ୍ଥିତ ରହିବାକୁ ନୋଟିସ୍ ଦିଆଯାଇଛି। ଏହାବାଦ୍ କ୍ରୋମାଇଟ୍ ସହ ଜବତ ୨ ଗାଡ଼ିକୁ ଖଣି ବିଭାଗକୁ ହସ୍ତାନ୍ତର କରାଯାଇଛି ବୋଲି ସେ କହିଛନ୍ତି।

# ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ, ଇଦ୍-ଉଲ୍-ଫିତର ପାଇଁ ଶାନ୍ତି କମିଟି ବୈଠକ



ବୈଠକରେ ଶାନ୍ତି କମିଟିର ସଦସ୍ୟଙ୍କ ସହ ପୋଲିସ ଅଧିକାରୀଙ୍କ ଆଲୋଚନା।

ଯାଜପୁରଟାଉନ,୧୮।୩
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଓ ଇଦ୍-ଉଲ୍-ଫିତର ପାଳନ ନେଇ ଯାଜପୁର ସଦର ଥାନାରେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀଙ୍କ ଅଧ୍ୟକ୍ଷତାରେ ଶାନ୍ତି କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୧ ତାରିଖରେ ଇଦ୍-ଉଲ୍-ଫିତର ପାଳନ କରାଯାଉଥିବା ବେଳେ ଏହାର ଦୁଇଦିନ ପୂର୍ବରୁ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଉପଲକ୍ଷେ ନବ ଭାରତ ହିନ୍ଦୁ ସଙ୍ଗଠନ ପକ୍ଷରୁ ୧୯ ତାରିଖରେ ସଦର ଥାନା ନିକଟସ୍ଥ କବୀରପୁର ଦଶହରା ପଡ଼ିଆ କାଳୀମନ୍ଦିର ନିକଟରୁ ଏକ ଶୋଭାଯାତ୍ରା ବାହାରି ବ୍ରହ୍ମବରଦା, ସାମନ୍ତରାପୁର ରାସ୍ତା ଦେଇ ମୁଗୁପାଳ ହାଇସ୍କୁଲ ପଡ଼ିଆରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଏହାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ଗଠନ କରାଯାଇ ଉଭୟ ସମ୍ପ୍ରଦାୟର ଲୋକଙ୍କୁ ସମ୍ପୃକ୍ତ କରାଯାଇ ଆଲୋଚନା କରାଯାଇଥିଲା। ବୈଠକରେ ନବ ଭାରତ ହିନ୍ଦୁ ସଙ୍ଗଠନ ପକ୍ଷରୁ ଭିକି ସ୍ୱାଇଁ, ସତ୍ୟ ରଞ୍ଜନ ନାୟକ ସମେତ ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଆଲୋଚନାରେ ସଦର ଥାନାଧିକାରିଣୀ ଚିନ୍ମୟୀ ବେହେରା ଉପସ୍ଥିତ ଥିଲେ।

# ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ ନିର୍ବାଚନ: ଚନ୍ଦନ ସଭାପତି, ସନ୍ତୋଷ ସମ୍ପାଦକ



ନିର୍ବାଚିତ ହୋଇଥିବା ଆଇନଜୀବୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଚଣ୍ଡିଖୋଲ/ବଡଚଣା, ୧୮।୩ (ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି)

ଚଣ୍ଡିଖୋଲସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘର ଏକ ସାଧାରଣ ପରିଷଦ ବୈଠକ ସହ କର୍ମକର୍ତ୍ତାଙ୍କ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଂଘର ମୁଖ୍ୟ ଉପଦେଷ୍ଟା ଚନ୍ଦନ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଟ୍ରକ୍ ମାଲିକମାନଙ୍କ ମଧ୍ୟରେ ଏକତା, ଭାଇଚାରା ରଖିବା ସହିତ ଆୟବ୍ୟୟର ହିସାବ କରାଯାଇ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ପରେ ବରିଷ୍ଠ ସଭ୍ୟ ପ୍ରମୋଦ କୁମାର ନାୟକଙ୍କ ସଂଯୋଜନାରେ ଆୟୋଜିତ କର୍ମକର୍ତ୍ତା ମନୋନୟନରେ ସଭାପତି ଚନ୍ଦନ କୁମାର ନାୟକ, ଉପ ସଭାପତି ତୀର୍ଥବାସୀ ନାୟକ, ସମ୍ପାଦକ ସନ୍ତୋଷ କୁମାର ରାଉତ, ସହ ସମ୍ପାଦକ ପ୍ରଶାନ୍ତ କୁମାର ଜେନା, କୋଷାଧ୍ୟକ୍ଷ ସଞ୍ଜୀବ କୁମାର ବଳ ପ୍ରମୁଖ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ। ଶେଷରେ ବରିଷ୍ଠ ସଭ୍ୟ ନୃସିଂହ ଚରଣ ଓତା ଧନ୍ୟବାଦ ଦେଇଥିଲେ।

# ଦେବୀଗଡ଼ା ଘାଟରେ ମା' ରକ୍ଷାକାଳୀଙ୍କ ବାର୍ଷିକ ପୂଜା

ଯାଜପୁରଟାଉନ,୧୮।୩
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ପୁଣ୍ୟତୋୟା ବୈତରଣୀ ନଦୀର ଦେବୀଗଡ଼ା ଘାଟରେ ମା' ରକ୍ଷାକାଳୀଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ପ୍ରଥମେ ବୈତରଣୀ ନଦୀରୁ ଘଟ ପୂଜା କରାଯାଇ କଳସ ସ୍ଥାପନ କରାଯାଇଥିଲା। ପରେ ମଧ୍ୟ ରାତ୍ରରୁ କାର୍ଯ୍ୟ ବିଧି ମୁତାବକ ମା'ଙ୍କ ରୀତିନୀତି ଅନୁଯାୟୀ ବାର୍ଷିକ ପୂଜା, ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ବିଦ୍ୱାନ ପଣ୍ଡିତଙ୍କ ଦ୍ୱାରା ପ୍ରତିବର୍ଷ ପରି ଚଳିତବର୍ଷ ମା' ରକ୍ଷାକାଳୀଙ୍କର ବାର୍ଷିକ ପୂଜା ହୋଇଥିଲା। ଉପରୋକ୍ତ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ପୂଜାରେ ସାମିଲ ହୋଇଥିଲେ। ଏହି ପୂଜାରେ ଆଇନଜୀବୀ ପ୍ରବୀର ରାୟ, ସମରଜିତ ମହାନ୍ତି, ରାଜୀବ ମହାନ୍ତି, ହରିହର ବେହେରା, ପ୍ରଶାନ୍ତ ଖୁଣ୍ଟିଆ, ଉମାକାନ୍ତ ପରିଡ଼ା, ଦିଲୀପ ହାଲଦାର, ଦିଲୀପ କୁମାର ନାୟକ, ଶଙ୍କର୍ଷଣ ବେହେରା ସମେତ ବହୁ ସ୍ଥାନୀୟ ଯୁବକ ଓ ସ୍ୱେଚ୍ଛାସେବୀ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ପରେ ମା'ଙ୍କ ମୂର୍ତ୍ତିକୁ ସହର ପରିକ୍ରମା କରାଯାଇ ବୁଧବାର ଦେବୀଗଡ଼ା ଘାଟରେ ବିସର୍ଜନ କରାଯାଇଥିଲା।



ପଣ୍ଡିତମାନଙ୍କ ଦ୍ୱାରା ରକ୍ଷାକାଳୀଙ୍କ ପୂଜାର୍ଚ୍ଚନା କରାଯାଉଛି।

# ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଶିବିର ଉଦ୍‌ଯାପିନୀ ଉତ୍ସବରେ ପଶିକ୍ଷଣ ନେଇଥିବା ଛାତ୍ରୀ ଓ ଅନ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବ୍ୟାସନଗର,୧୮।୩
(ପବିତ୍ର ରଞ୍ଜନ ମହାନ୍ତି):

**ଆଇଜିଏମ୍ ଡିଗ୍ରୀ ମହାବିଦ୍ୟାଳୟ**

ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବିଭାଗୀୟ ସଂଯୋଜିକା ଅଧ୍ୟାପିକା ଝୁନୁମଣି ଜେନାଙ୍କ ତତ୍ତ୍ୱାବଧାନରେ ୧୨ଦିନ ଧରି ଅନୁଷ୍ଠିତ ହୋଇଥିବା ଶିବିରରେ ମହାବିଦ୍ୟାଳୟର ୧୫୦ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ। ତାଲିମପ୍ରାପ୍ତ ପ୍ରଶିକ୍ଷିକା ରୂପଶ୍ରୀ ଲେଙ୍କା ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ରତ୍ନାକର ଜେନା ସଭାପତିତ୍ୱ କରିଥିଲେ। ଏହି ସଭାରେ ମୁଖ୍ୟ ଅତିଥି ଭାବେ କୋରାଇ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଯୋଗଦେଇ ବାଳିକା ଆତ୍ମରକ୍ଷା କୌଶଳ ଲାଗି ୫-ଏ ସୂତ୍ର ଓ ୧୧୨ କଲ୍ ସମ୍ପର୍କରେ ବିଶଦ ଭାବେ ଛାତ୍ରୀମାନଙ୍କୁ ବୁଝାଇବା ସହ କୌଣସି ଆକ୍ରମଣର ଶିକାର ହେବାମାତ୍ରେ ତ୍ୱରିତ ପଦକ୍ଷେପ କିପରି ନିଆଯିବା ଉଚିତ, ସେନେଇ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷା ଲଳିତା ସାହୁ ଯୋଗଦେଇ ବାଳିକାମାନେ ବିଭିନ୍ନ ସମୟରେ ସମ୍ମୁଖୀନ ହେଉଥିବା ବିପଦକୁ କିପରି ପ୍ରତିହତ କରିପାରିବେ, ସେ ନେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧ୍ୟାପକ ଅରୁଣ କୁମାର ମିଶ୍ର, ମଳୟ କୁମାର ମଲ୍ଲିକ ଓ ହେମନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ସଂଯୋଜିକା ଅଧ୍ୟାପିକା ସୁଶ୍ରୀ ଜେନା ଶିବିରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ବାଘମାରିରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ରାଜନଗର,୧୮।୩
(ଭାସ୍କର ରାଉତରାୟ):

ରାଜନଗର ବ୍ଲକ ତାଳଚୁଆ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିବା ବେଳେ ବୁଧବାର ବାଘମାରୀ ପଞ୍ଚାୟତରେ ଅଭିଯୋଗ ଶୁଣିଛି ପ୍ରଶାସନ। ଏଥିରେ ପଞ୍ଚାୟତର ଲୋକଙ୍କ ଅଭିଯୋଗର ଶୁଣାଣି କରାଯାଇଥିଲା। ବିଡିଓ ଅଶୋକ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ଡେପୁଟି କଲେକ୍ଟର ନିତ୍ୟ ରଞ୍ଜନ ସାମଲ,ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ ପ୍ରମୁଖ ଯୋଗ ଦେଇ ୩୨ ଅଭିଯୋଗର ଶୁଣାଣି କରିଥିଲେ । ରାଶନ କାର୍ଡ , ଭତ୍ତା ଓ ପ୍ରଧାନମନ୍ତ୍ରୀ ଆବାସ ନେଇ ଅଭିଯୋଗ ଆସିଥିଲା। ଏପରିକି ଗତ ୩/୪ ମାସ ଧରି ହିତାଧିକାରୀ ଭତ୍ତା ପାଉନଥିବା ନେଇ ଅଭିଯୋଗ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଦଶରଥପୁର, ୧୮।୩
(ସୁଶାନ୍ତ କୁମାର ବେହୁରିଆ)

ଦଶରଥପୁର ବ୍ଲକ କସପା ପଞ୍ଚାୟତସ୍ଥିତ ପଞ୍ଚପଡାଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୫ତମ ବାର୍ଷିକ ଉତ୍ସବ ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଞ୍ଜନ ସାହୁଙ୍କ ସଭାପତିତ୍ୱ ଅନୁଷ୍ଠିତ ସଭାରେ ଯାଜପୁର ବିଧାୟିକା ସୁଜାତା ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବାବେଳେ ସାମାଜିକ କର୍ମୀ କର୍ଣ୍ଣାଟ କେଶରୀ ଦାସ, ଦଶରଥପୁର ଏବିଡିଓ ସାବିତ୍ରୀ ସେଠୀ, ଶିକ୍ଷାବିତ୍ ଦିଗାମ୍ବର ସାହୁ, ମଦନମୋହନ ପାଣି, ସାମାଜିକ କର୍ମୀ ମନୋଜ ରାଉତ, ଯୁବନେତା ପ୍ରଭାତ ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନ୍ଦାକିନୀ ରାଉତ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ବିଦ୍ୟାଳୟ ସମ୍ପାଦକ ସୁବ୍ରତ କୁମାର ସାମଲ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷାବିତ୍ ସୁମନ୍ତ ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀମାନେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପ୍ରୀତିପୁର, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଅହିୟାସର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଖବରଦାତା ସୁଶାନ୍ତ କୁମାର ବେହୁରିଆ, ମହେଶ୍ୱର ଜେନା, ମନୋରଞ୍ଜନ ମଲ୍ଲିକଙ୍କୁ ମଧ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପରିପେକ୍ଷୀରେ ବିଧାୟିକା ସାହୁ କ୍ରୀଡ଼ାରେ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।



ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥି।

# ଧାନକିଣାକୁ ପ୍ରାଥମିକତା ଦିଆଯାଉ: କୃଷକ ସଙ୍ଗଠନ

ଯାଜପୁରଟାଉନ, ୧୮।୩
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଚାଷୀଙ୍କ ଧାନ କିଣାକୁ ପ୍ରାଥମିକତା ଦିଆଯାଉ ବୋଲି ଦାବି କରି ବୁଧବାର ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦ ତାରିଖରେ ଜିଲା ମହୋତ୍ସବ ଯଯାତି ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ଜିଲା ପ୍ରଶାସନ ଚଳଚଞ୍ଚଳ ହେବା ସହ ଏହାକୁ ସରସ ସୁନ୍ଦର କରିବା ପାଇଁ ପ୍ରଶାସନର ସମସ୍ତ ଅଧିକାରୀ ଲାଗିପଡ଼ିଛନ୍ତି। ହେଲେ ଚାଷୀଙ୍କ ଧାନ କିଣାକୁ ସମସ୍ତେ ଭୁଲି ଯାଇଛନ୍ତି। ମଣ୍ଡିରେ ଚାଷୀଙ୍କ ଧାନ ପଡ଼ି ରହିଥିବା ବେଳେ କଟ୍‌ନି ଛଟ୍‌ନି ଜାରି ରହିଛି। ଚାଷୀଙ୍କ ପାଇଁ ମଣ୍ଡିରେ କୌଣସି ସୁବିଧା କରାଯାଇନାହିଁ। ଚାଷୀଙ୍କ ବସିବା ପାଇଁ ଓ ପାନୀୟ ଜଳର ବ୍ୟବସ୍ଥା କରାଯିବା ନେଇ ସରକାର କହୁଥିବା ବେଳେ ବସିବା ତ ଦୂରର କଥା ଚାଷୀଙ୍କ ଧାନ ରଖିବା ପାଇଁ ସ୍ଥାନ ନାହିଁ। ଚାଷୀଙ୍କ ଧାନ ମଣ୍ଡିରେ ପଡ଼ି ରହିଥିବାବେଳେ କିଣିବା ପାଇଁ ବ୍ୟବସ୍ଥା କରାଯାଉ। ସମୟ ସୀମା ସରି ଯାଇଥିବା ଟୋକନକୁ କାର୍ଯ୍ୟକ୍ଷମ କରାଯାଉ। ସମୟ ଅବଧି ମାର୍ଚ୍ଚ ୩୧ ପରିବର୍ତ୍ତେ ଅଧିକ ୧୫ ଦିନ ବଢ଼ାଯାଇ ଧାନ କିଣାକୁ ସହଜ କରାଯାଉ। ଚାଷୀ ସିଧାସଳଖ ମିଲ୍‌କୁ ନେବା ବ୍ୟବସ୍ଥା ବନ୍ଦ କରାଯାଉ। ପ୍ରତ୍ୟେକ ବ୍ଲକ ଅଞ୍ଚଳ ପାଇଁ ଜଣେ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରାଯାଉ। ପ୍ରଶାସନ ଯଦି ଉପରୋକ୍ତ ଦାବି ପ୍ରତି ଗୁରୁତ୍ୱ ନ ଦିଅନ୍ତି ନବ ନିର୍ମାଣ କୃଷକ ସଙ୍ଗଠନ ୨୦ ତାରିଖରେ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ନବ ନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସହ ସଂଯୋଜକ ନିମାଇଁ ରାୟ, ଜିଲା ସଂଯୋଜକ ଦୁର୍ଗା ପ୍ରସାଦ ଦାଶ, ମାଧବାନନ୍ଦ ଶାନ୍ତି, ଧନଞ୍ଜୟ ବିଶ୍ୱାଳ, ପ୍ରଫୁଲ୍ଲ କୁମାର ନାୟକ, ପ୍ରଫୁଲ୍ଲ କଣ୍ଡ, ପ୍ରତାପ ଜେନା, ବଲ୍ଲଭ ଜେନା, ଅମିୟ ବେହୁରା, ସୁବ୍ରତ ସାହୁ, ହରିଶ ଦଳାଇ, ପ୍ରଦୀପ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ନବନିର୍ମାଣ କୃଷକ ସଙ୍ଗଂନର ସଦସ୍ୟ।

# ଘରୋଇ ହସ୍ପିଟାଲରେ ଭଙ୍ଗାରୁଜା, ୨ ଆହତ

## ଗର୍ଭବତୀଙ୍କ ମୃତ୍ୟୁ ପରେ ଉତ୍ତେଜନା

### ଚିକିତ୍ସାରେ ଅବହେଳା, ତ୍ରୁଟିପୂର୍ଣ୍ଣ ଚିକିତ୍ସା କାରଣରୁ ମୃତ୍ୟୁ ଚର୍ଚ୍ଚା

ଜଗତ୍‌ସିଂହପୁର, ୧୮।୩ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଦ୍ୱନ୍ଦ୍ୱ ଗ୍ରାମର ଶକ୍ତି ଭୋଳଙ୍କ ଗର୍ଭବତୀ ସ୍ତ୍ରୀ ସୁଶ୍ରୀ ସଙ୍ଗୀତା ସାହୁଙ୍କ ମୃତ୍ୟୁକୁ ନେଇ ଘରୋଇ ହସ୍ପିଟାଲ ସୁକନ୍ୟାରେ ଅଭାବନୀୟ ଘଟଣା ଘଟିଛି। ଚିକିତ୍ସାରେ ଅବହେଳା ଏବଂ ତ୍ରୁଟିପୂର୍ଣ୍ଣ ଚିକିତ୍ସା କାରଣରୁ ଏଭଳି ଘଟିଲା ବୋଲି ଅଭିଯୋଗ କରି ମୃତକଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ହୋ ହଲ୍ଲା କରିବା ସହ ହସ୍ପିଟାଲ ବାହାର କାଚ ଭଙ୍ଗାରୁଜା କରିଛନ୍ତି। ଏଥିସହ ହସ୍ପିଟାଲରେ କାର୍ଯ୍ୟରତ ଜଣେ ମହିଳା ଝାଡୁଦାର ଓ ଜଣେ ପୁରୁଷ ରିସେପ୍‌ଶନିଷ୍ଟଙ୍କୁ ମାଡ଼ ମାରିଛନ୍ତି। ସେମାନଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲେ ସୁଦ୍ଧା ଆଶୁ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ଖବରପାଇ ଏସ୍‌ଡିପିଓ ଆଜିଙ୍କ୍ୟ ମାଣେ, ଆଇଆଇସି ସରୋଜକାନ୍ତ ସାମଲଙ୍କ ସମେତ ପୋଲିସ ଓ ଫୋର୍ସ ସେଠାରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଛନ୍ତି। ସୁରକ୍ଷା ଦୃଷ୍ଟିରୁ ହସ୍ପିଟାଲ ସମ୍ମୁଖରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ମୃତ ସୁଶ୍ରୀ ସଙ୍ଗୀତାଙ୍କ ବାପା ତଥା କଟକ ଜିଲା ନିଆଳି ଥାନା ଅନ୍ତର୍ଗତ ବନ୍ଧସାଇଲେ ଗ୍ରାମର ସୁରେନ୍ଦ୍ର ସାହୁ ଅଭିଯୋଗରେ କହିଛନ୍ତି, ତାଙ୍କ ଝିଅ ଗର୍ଭବତୀ ଥିଲେ। ଏନେଇ ହସ୍ପିଟାଲ ମୁଖ୍ୟ ତଥା ଡ. ସୁକାନ୍ତ ଦଳେଇଙ୍କ ପାଖରେ ନିୟମିତ ଭାବେ ଚିକିତ୍ସିତ ହେଉଥିଲେ। ପ୍ରତି ମାସରେ ଚେକ୍‌ଅପ୍ କରୁଥିଲେ। ପ୍ରସବ ସମୟ ହୋଇଯାଇଥିବାରୁ ବୁଧବାର ସକାଳେ ଗର୍ଭଯନ୍ତ୍ରଣା ହୋଇଥିଲା। ତେଣୁ ସ୍ୱାଇଁ ଓ ଅନ୍ୟମାନେ ଝିଅଙ୍କୁ ନେଇ ଏହି ହସ୍ପିଟାଲ ଆସିଥିଲେ। ଏହି ସମୟରେ ଡ. ଦଳେଇ ଝିଅଙ୍କୁ ଦେଖିଥିଲେ। ତା'ପରେ ଏକ ଇଞ୍ଜେକ୍ସନ ଦେଇଥିଲେ।



ହସ୍ପିଟାଲର ଝରକା କାଚ ଭାଙ୍ଗିଯାଇଛି।

ଏହାପରେ ସୁଶ୍ରୀ ସଙ୍ଗୀତା ଗୁରୁତର ହୋଇ ପଡ଼ିଥିଲେ। ଏ ପରିସ୍ଥିତିରେ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କୁ ଭୁବନେଶ୍ୱରର ଏକ ବେସରକାରୀ ହସ୍ପିଟାଲ ନେଇଯିବାକୁ କହି ସାଙ୍ଗରେ ଯାଇଥିଲେ। କିନ୍ତୁ ହସ୍ପିଟାଲରେ ପହଞ୍ଚିବାବେଳକୁ ସୁଶ୍ରୀ ସଙ୍ଗୀତାଙ୍କ ମୃତ୍ୟୁ ହୋଇଯାଇଥିଲା। ଏହାପରେ ସମ୍ପୃକ୍ତ ଡାକ୍ତର ଆଉ ନ ରହି ସେଠାରୁ ଖସି ଯାଇଥିବା ସୁରେନ୍ଦ୍ର କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣଙ୍କ କହିବା କଥା ହେଲା ସୁଶ୍ରୀ ସଙ୍ଗୀତାଙ୍କୁ ଡାକ୍ତର ରେଫର କରି ବାୟିତ୍ୱ ସମାପନ କରିଦେବେ ବୋଲି ଭାବିଥିଲେ। କିନ୍ତୁ ସୁଶ୍ରୀ ସଙ୍ଗୀତାଙ୍କ ପରିବାର ଓ ସମ୍ପର୍କୀୟ ଲୋକେ ଡାକ୍ତରଙ୍କୁ ସାଥିରେ ଯିବା ପାଇଁ ଜିଦ୍ ଧରିବାରୁ ଶେଷରେ ଡ. ଦଳେଇ ତାଙ୍କ ସହ ଯାଇଥିଲେ। ଅନ୍ୟପଟେ ମୃତ୍ୟୁ ଖବରପାଇ ସ୍ଥାନୀୟ କେତେକ ଲୋକ କ୍ରୋଧାନ୍ୱିତ ହୋଇ ସୁକନ୍ୟା ହସ୍ପିଟାଲ ପରିସରରେ ଭଙ୍ଗାରୁଜା କରିଥିବା ଜଣାପଡ଼ିଛି। ଖବର ଲେଖାହେଲା ବେଳକୁ ଜଗତ୍‌ସିଂହପୁର ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା। ମୃତଦେହ ଏବେ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲରେ ଥିବାବେଳେ ଗୁରୁବାର ବ୍ୟବଚ୍ଛେଦ ପରେ ଶେଷକୃତ୍ୟ ସମ୍ପନ୍ନ ନିମନ୍ତେ ଗାଁକୁ ଅଣାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଡ. ଦଳେଇଙ୍କ ସହ ତାଙ୍କ ମୋବାଇଲରେ ଯୋଗାଯୋଗ ପାଇଁ ବାରମ୍ବାର ଚେଷ୍ଟା କରାଯାଇଥିଲେ ସୁଦ୍ଧା ସେ ଉଠାଇ ନ ଥିଲେ। ଡ.ଦଳେଇ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଫିସର ଥିବା ସହ ସୁକନ୍ୟା ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ବୋଲି କୁହାଯାଉଛି।

# ତ୍ରୁଟିପୂର୍ଣ୍ଣ ବିଲ୍ ସଂଶୋଧନ ନକରି ବିଜୁଳି ସଂଯୋଗ ବିଚ୍ଛିନ୍ନ ଅଭିଯୋଗ

କୁଜଙ୍ଗ, ୧୮।୩ (ମନୋଜ ପ୍ରଧାନ)



ତ୍ରୁଟିପୂର୍ଣ୍ଣ ବିଲ୍।

ତ୍ରୁଟିପୂର୍ଣ୍ଣ ବିଲ୍‌କୁ ସଂଶୋଧନ ନ କରି ଉପଭୋକ୍ତାଙ୍କ ଜୋରଦବସ୍ତ କରାଯିବା ସହ ବିଦ୍ୟୁତ୍ କାଟି ଦିଆଯାଇଥିବା ଅଭିଯୋଗ ହୋଇଛି। କୁଜଙ୍ଗ ଥାନା ଅନ୍ତର୍ଗତ ବାମଦେଇପୁର ଗ୍ରାମରେ ଏହି ଘଟଣା ଘଟିଛି। ଏହି ଗ୍ରାମର ଚିତ୍ତ ମହାନ୍ତି କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କର ମାସକୁ ୪୦ ରୁ ୧୦୦ ୟୁନିଟ ମଧ୍ୟରେ ବିଦ୍ୟୁତ୍ ବିଲ୍ ଉଠେ। ମାତ୍ର ୨୦୨୫ ଏପ୍ରିଲରେ ୧୩୭୭ ୟୁନିଟ ଉଠିଥିବା ନେଇ ବିଲରେ ଦର୍ଶାଯାଇଥିଲା। ସେହିପରି ୨୦୨୫ ଡିସେମ୍ବରରେ ବକେୟା ବାବଦ ୧୬ ହଜାର ୬୯୩ ଟଙ୍କା ମିଶାଇ ମୋଟ ୩୭ ହଜାର ୩୦ ଟଙ୍କା ବିଲ୍ ଆସିଥିଲା। ଯେଉଁଥିରେ ୧୩ ହଜାର ୫୬୩ ଟଙ୍କା ଅଧିକ ବିଲ ଆସିଥିବା ଜଣାପଡ଼ିଥିଲା। ଗତ ୧୬ ତାରିଖ ଦିନ ବିଦ୍ୟୁତ ବିଭାଗ କର୍ମଚାରୀ ପହଞ୍ଚି ବିଲ୍ ଦେବାକୁ ଜୋର ଜବରଦସ୍ତ କରିଥିଲେ। ସଂଶୋଧିତ ବିଲ୍ ଦେଲେ ସବୁ ପଇସା ଦେଇଦେବେ ବୋଲି ଚିତ୍ତ କହିଥିଲେ। ମାତ୍ର ବିଭାଗୀୟ କର୍ମଚାରୀ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଦେଲେ। ଏନେଇ ସେ ତରୁଆ ସେକ୍ସନ କନିଷ୍ଠ ଯନ୍ତ୍ରୀଙ୍କୁ ଲିଖିତ ଆକାରରେ ଜଣାଇଥିଲେବି କୌଣସି ପ୍ରତିକାର କରାଯାଇ ନାହିଁ। ଯାହାଫଳରେ ତିନି ଦିନ ହେବ ତାଙ୍କ ପରିବାର ଅନ୍ଧାର ଓ ଗରମରେ ହନ୍ତସନ୍ତ ହେଉଛନ୍ତି। ଏ ସମ୍ପର୍କରେ ତରୁଆ ସେକ୍ସନ ବିଦ୍ୟୁତ୍ କନିଷ୍ଠ ଯନ୍ତ୍ରୀ ସୌମ୍ୟ ରଞ୍ଜନ ସାହୁଙ୍କୁ ପଚାରିବାରୁ ସେ ବିଦ୍ୟୁତ୍ ବିଭାଗର ବାଣିଜ୍ୟ ସେକ୍ସନରେ ଥିବା କନିଷ୍ଠ ଯନ୍ତ୍ରୀଙ୍କଠାରୁ ଏ ସମ୍ପର୍କରେ ବୁଝିବା ପରେ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି କହିଛନ୍ତି।

# ବେଆଇନ ବାଲି ପରିବହନ : ୨ ହାଇୱା ଅଟକ

## ଥାନାରେ ଲିଖିତ ଅଭିଯୋଗ କଲେ ତହସିଲଦାର

ନାଉଗାଁ, ୧୮।୩ (ସୁଧା ବେହୁରା)

ନାଉଗାଁ ତହସିଲ ଅନ୍ତର୍ଗତ ଶିଖରଘାଟ ସେତୁ ନିକଟରେ ୨ଟି ବାଲି ବୋଝେଇ ହାଇୱା ଆସୁଥିବା ବେଳେ ତାହାକୁ ଥାନାରେ ଅଟକ ରଖାଯାଇଛି। ଏନେଇ ତହସିଲଦାର ଅକ୍ଷୁ ବଡୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ, ମଙ୍ଗଳାବାର ରାତି ପ୍ରାୟ ୧୧ଟା ବେଳେ ଶିଖରଘାଟ ବ୍ରିଜ୍ ନିକଟରେ ଉପରୋକ୍ତ ବାଲି ବୋଝେଇ ହାଇୱା ଦ୍ୱୟ ଆସୁଥିଲାବେଳେ ତାହାକୁ ଅଟକାଇ କାଗଜପତ୍ର ଯାଞ୍ଚ କରାଯାଇଥିଲା। ମାତ୍ର ହାଇୱା ଚାଳକମାନେ କୌଣସି ବୈଧ ପରିବହନ ଅନୁମତିପତ୍ର ଦେଖାଇ ପାରି ନ ଥିଲେ। ତେଣୁ ଉକ୍ତ ୨ ଗାଡିକୁ ଜବତ କରାଯାଇ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗରେ ଦର୍ଶାଯାଇଛି। ଏହାର କପି ଖଣି ଅଧିକାରୀ ଜଗତ୍‌ସିଂହପୁର ଓ ଉପଜିଲାପାଳ ଜଗତସିଂହପୁରଙ୍କ ଅବଗତି ନିମନ୍ତେ ପଠାଯାଇଛି। ଏସଂକ୍ରାନ୍ତରେ ଥାନାଧିକାରୀ ଦେବାଶୀଷ ପଣ୍ଡାଙ୍କୁ ପଚାରିବାରେ ଆବଶ୍ୟକୀୟ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ୨୫ ଦିନ ପରେ ପରିବା ମାର୍କେଟ ଅଗ୍ନି ବିପନ୍ନଙ୍କୁ ମିଳିଲା ପଲିଥିନ୍



ପଲିଥିନ୍ ପ୍ରଦାନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ପାରାଦୀପ ୧୮।୩ (ଶରତ ରାଉତ)

- ଛପରସ୍ଥଳୀ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ
- ଇଫ୍‌କୋ ଦେଲା ୫ ଲକ୍ଷ ଟଙ୍କା ସହାୟତା

ପାରାଦୀପ ବଡ଼ପଡିଆ ପରିବା ମାର୍କେଟ ଅଗ୍ନି ବିପନ୍ନଙ୍କୁ ବୁଧବାର ପଲଥିନ ପ୍ରଦାନ କରାଯାଇଛି। ଏଥିସହ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭେଣ୍ଡିଂ ବ୍ୟବସ୍ଥା(ଛପରସ୍ଥଳୀ)ର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏନେଇ ସେହି ପରିବା ମାର୍କେଟ ପରିସରରେ ବୈଠକ ବସିଥିଲା। ସେଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେଇ ଭିତ୍ତିପ୍ରସ୍ତର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଇଫ୍‌କୋ ୟୁନିଟ ମୁଖ୍ୟ ପ୍ରଦୀପ କୁମାର ମହାପାତ୍ର, ସ୍ଥାନୀୟ କାଉନସିଲର, ବଣିକସଂଘ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୌର ପରିଷଦ ପକ୍ଷରୁ ଅଗ୍ନିକାଣ୍ଡରେ ପ୍ରଭାବିତ ହୋଇଥିବା ସମସ୍ତ ୭୪ ଜଣଙ୍କୁ ପଲିଥିନ ପ୍ରଦାନ କରାଯାଇଥିଲା। ଉକ୍ତ ପରିବା ମାର୍କେଟର ଛପରସ୍ଥଳୀ ପୌର ପରିଷଦ ପକ୍ଷରୁ ନିର୍ମାଣ କରାଯିବ। ଏଥିପାଇଁ ଇଫ୍‌କୋ କମ୍ପାନୀକୁ ଅନୁରୋଧ କରାଯାଇଥିଲା। ସେମାନେ ୫ ଲକ୍ଷ ଟଙ୍କା ସହାୟତା କରିଛନ୍ତି ବୋଲି ମନ୍ତ୍ରୀ ସ୍ୱାଇଁ ଘୋଷଣା କରିଥିଲେ। ଏହାଛଡ଼ା ଜଗତ୍‌ସିଂହପୁର ଜିଲାରେ ହେବାକୁ ଥିବା ଶୀତଳ ଭଣ୍ଡାର ମଧ୍ୟ ଇଫ୍‌କୋ କମ୍ପାନୀ ତିଆରି କରିବ ବୋଲି ମନ୍ତ୍ରୀ ସ୍ୱାଇଁ ସୂଚନା ଦେଇଥିଲେ।

ଫେବୃଆରୀ ୨୧ ମଧ୍ୟରାତ୍ରରେ ଅଗ୍ନିକାଣ୍ଡ ଘଟି ପରିବା ମାର୍କେଟ ପୋଡ଼ି ଯାଇଥିଲା। ଘଟଣାର ୨୫ଦିନ ପରେ ବୁଧବାର ପଲିଥିନ ଦିଆଯାଇଛି। ବର୍ତ୍ତମାନ ପରିବା ବ୍ୟବସାୟ ବନ୍ଦର ପ୍ରଶାସନିକ ଭବନ ପଛପଟ ରାସ୍ତା କଡରେ ଅସ୍ଥାୟୀ ଭାବେ ଚାଲିଛି। ବନ୍ଦର ସହର ମଧ୍ୟରେ ଉକ୍ତ ବଜାର ଥିବାରୁ ସେମାନଙ୍କ ପାଇଁ ସ୍ଥାୟୀ ଘର କରିବା ଉପରେ କଟକଣା ରହିଛି। ସେଥିପାଇଁ ପରିବା ବ୍ୟବସାୟୀମାନେ ପଲିଥିନ ବାଉଁଶ ଦ୍ୱାରା ଅସ୍ଥାୟୀ ଦୋକାନ କରି ଚଳି ଆସୁଥିଲେ। ଅଗ୍ନିକାଣ୍ଡ ଘଟିବା ପରେ ସ୍ଥାୟୀ ଶେଡ କରିବା ପାଇଁ ବଣିକସଂଘ ପକ୍ଷରୁ ଦାବି କରାଯାଇଥିଲା। ଦ୍ୱୈତ୍ୟ ପ୍ରଶାସନ (ବନ୍ଦର ଓ ପୌରପାଳିକା)ସହ ଆଲୋଚନା କରି ସ୍ୱତନ୍ତ୍ର ପିଣ୍ଡି ଓ ଉପରେ ଛପର କରାଯିବ ବୋଲି ପୌରାଧକ୍ଷ ବିଶ୍ୱାଳ ସୂଚନା ଦେଇଛନ୍ତି।

# ଅଧିକ ପୋଲିସ ବ୍ୟବସ୍ଥାକୁ ଗୁରୁତ୍ୱ

## ଗୋରେଖନାଥଙ୍କ ଯଜ୍ଞ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

ରଘୁନାଥପୁର,୧୮।୩ (ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ଏପ୍ରିଲ ୨୦ ଅକ୍ଷୟ ତୃତୀୟାରୁ ଆରମ୍ଭ ହେବାକୁ ଥିବା ୮ ଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଅଧ୍ୟକ୍ଷତା କରିଥିଲେ। ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜା ବୈଠକ ପରିଚାଳନା କରିଥିଲେ। ଶୃଙ୍ଖଳିତ ଦର୍ଶନ ତଥା ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଅଧିକ ପୋଲିସ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ଗତ ୨ ବର୍ଷ ଧରି ପୀଠରେ କାର୍ଯ୍ୟ କରୁଥିବା ଠିକାଦାର, ଗେଷ୍ଟହାଉସ୍ ଚାବି ପୀଠ ପ୍ରଶାସନ ନିକଟରେ ଦାଖଲ କରୁନଥିବାରୁ ଉଦବେଗ ପ୍ରକାଶ ପାଇଥିଲା। ମାର୍ଚ୍ଚ ୨୬ରୁ ପୀଠରେ ନବଦିନ ବ୍ୟାପୀ ରାମଚରିତ ମାନସ କାର୍ଯ୍ୟକ୍ରମ ଆରମ୍ଭ ହେଉଥିବାରୁ ଗେଷ୍ଟହାଉସର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଥିଲା। ଉପଜିଲାପାଳ ତରାଇପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଏ ସମ୍ପର୍କରେ ଅବଗତ କରିଥିଲେ। ଏହାଛଡା ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଅଧିକ ପ୍ରସାଦ ପ୍ରସ୍ତୁତି ପାଇଁ ବ୍ୟବସ୍ଥା, ପର୍ଯ୍ୟାପ୍ତ ପାନୀୟଜଳ, ଆଲୋକିକରଣ, ପରିମଳ ଓ ଫାଷ୍ଟେଡ ସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା। ଗ୍ରୀଷ୍ମକୁ ଦୃଷ୍ଟିରେ ରଖି ଦମକଳ ବାହିନୀ ଉପସ୍ଥିତ ରହି ସେବା ଯୋଗାଇବାକୁ ସ୍ଥିର ହୋଇଥିଲା।ଏଥିସହ ମିନାବଜାର ଓ ଯାତ୍ରା ପରିବେଷଣ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଏଥିରେ ରଘୁନାଥପୁର ତହସିଲଦାର ରାଜଲକ୍ଷ୍ମୀ ନାୟକ ଓ ବିଭିନ୍ନ ବିଭାଗର ଅଧିକାରୀଳ ପୂଜକ ଦିଲୀପ କୁମାର ପଣ୍ଡା,ଜ୍ଞାନରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଡ. ସ୍ୱାମୀ ଚିଦାନନ୍ଦଙ୍କୁ ସନ୍ଥ ଶ୍ରୀ ସମ୍ମାନ



ତିର୍ତ୍ତୋଲ, ୧୮।୩(ଗୌରାଙ୍ଗ ଚରଣ ସାଇଁ)

ପଦ୍ମଶ୍ରୀ ବାବା ବଳିଆଙ୍କ ଶିଷ୍ୟ ତଥା ଇଣ୍ଟରନ୍ୟାଶନାଲ ଗୀତା ମିଶନର ଅଧକ୍ଷ ଡ. ସ୍ୱାମୀ ଚିଦାନନ୍ଦଙ୍କୁ ସନ୍ଥ ଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ଭଅଁସରଠାରେ ହନୁମାନ କୃପା ପରିଷଦର ୨୨ତମ ବାର୍ଷିକୋତ୍ସବ ସମାରୋହରେ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି । ଏହି ଅବସରରେ ଡ.ସ୍ୱାମୀ ଚିଦାନନ୍ଦ କହିଛନ୍ତି, ପୋଥି ଭାଗବତ ଓ ପୋଥି ରାମାୟଣ ଅନେକ ପଢ଼ାଗଲାଣି, ଏବେ ଜୀବନ ଭାଗବତ ପୃଷ୍ଠା ପଢ଼ି ବୁଝି ସମୀକ୍ଷା କରିବାର ସମୟ ଆସିଛି। ଶାସ୍ତ୍ରରୁ ପଢ଼ିଥିବା ଶୁଣିଥିବା ଅନେକ କଥା ମଧ୍ୟରୁ ଅଳ୍ପ କିଛି ଜୀବନ ଯାତ୍ରା ସହ ଯୋଡ଼ି ପାରିଲେ ପ୍ରତିଟି ମଣିଷ ଶାନ୍ତି ଓ ସନ୍ତୋଷ ଲାଭ କରିପାରିବ ବୋଲି ସେ ପ୍ରକାଶ କରିଥିଲେ। ସଭାରେ ଅନୁଷ୍ଠାନର ସଭାପତି ବିଜୟ କୁମାର ସିଂହ, ସମ୍ପାଦକ ନାରାୟଣ ଦାଶ, ଉପଦେଷ୍ଟା ଗୋପୀନାଥ ଦାଶ, ସଭ୍ୟ ବିଜୟ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଶାରୀଶୁଆ ପାହାଡରେ ଚଢ଼ାଉ: ୬ ପୋକ୍‌ଲିନ, ୨ ଡମ୍ଫର ଜବତ୍

ଖଇରା,୧୮।୩(ଉତ୍କଳବନ୍ଧୁ ପଣ୍ଡା)

ଜିଲା ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ପକ୍ଷରୁ ବୁଧବାର ଶାରୀଶୁଆ ପାହାଡରେ ଚଢାଉ କରାଯାଇ ୬ ପୋକଲିନ ଓ ୨ ଡମ୍ଫର ଜବତ କରାଯାଇଛି। ପାହଡର କପିଳଝୁରୀ ବନ୍ଧୁନଟା ଓ ବଗେଇପୁର ମୌଜାରେ ଏହି ଚଢାଉ କରାଯାଇଥିବା ବେଳେ ବିଭିନ୍ନ ଖଣିରେ ବେଆଇନ ଭାବେ ବ୍ୟବହୃତ ହୋଇଥିବା ଏହି ମେଶିନ ଓ ରାସ୍ତାରେ ପଥର ବୋଝେଇ କରି ନେଉଥିବା ୨ ଡମ୍ଫରକୁ ଜବତ କରାଯାଇଥିଲା। ଉକ୍ତ ଚଢାଉରେ ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା, ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ଜୁନିଅର ଖଣି ଅଧିକାରୀ ଅଭିଷେକ ବେହେରା, ଖଇରା ତହସିଲଦାର ଅମିତ ରଞ୍ଜନ ହୋତା ପ୍ରମୁଖ ଚଢାଉରେ ସାମିଲ ଥିଲେ।

# ମରଣଯନ୍ତା ପାଲଟିଛି କଟକ-ପାରାଦୀପ ରାସ୍ତା ହମ୍ପ୍‌ସ

କୁଜଙ୍ଗ, ୧୮।୩ (ମନୋଜ ପ୍ରଧାନ)



ବ୍ୟସ୍ତବହୁଳ କଟକ- ପାରାଦୀପ ରାସ୍ତାର ମଣିଜଙ୍ଗାଠାରୁ ପାରାଦୀପଗଡ ପର୍ଯ୍ୟନ୍ତ ନିର୍ମିତ ହମ୍ପସ ସବୁ ମରଣଯନ୍ତା ପାଲଟିଥିବା ସାଧାରଣରେ ଅଭିଯୋଗ ହୋଇଛି। ଏହି ୩୦ କିଲୋମିଟର ଦୂରତା ରାସ୍ତାରେ ପ୍ରାୟ ୬ ଫୁଟରୁ ଉର୍ଦ୍ଧ୍ୱ ଓସାର ଓ ଦେଢ଼ ଫୁଟ ଉଚ୍ଚତାର ୧୪ଟି ହମ୍ପସ ତିନି ମାସ ମଧ୍ୟରେ ରାସ୍ତା ଓ କୋଠାବାଡ଼ି ବିଭାଗ ପକ୍ଷରୁ ନିର୍ମାଣ କରାଯାଇଛି । ମାତ୍ର ଏ ସବୁ ହମ୍ପସ ନିର୍ମାଣ ପରେ ଦୁର୍ଘଟଣା ହାର ବଢ଼ି ଚାଲିଥିବା ଚର୍ଚ୍ଚା ହେଉଛି। ହମ୍ପସ ଚଢ଼ିବା ସମୟରେ ଭାରିଯାନଠାରୁ ଆରମ୍ଭ କରି ଚାରି ଚକିଆ ଓ ଦୁଇ ଚକିଆ ଯାନ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେଉଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଗୋଟିଏ ହମ୍ପସ ନିର୍ମାଣରେ ଲକ୍ଷାଧିକ ଟଙ୍କା ବ୍ୟୟ ହୋଇଥିଲେ ମଧ୍ୟ ନିର୍ମାଣ ଢାଞ୍ଚା ଭୁଲ୍‌ଥିବା ଆଲୋଚନା ହେଉଛି। ଏନେଇ ସହକାରୀ ଯନ୍ତ୍ରୀ ନିରଞ୍ଜନ ଜେନାଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ମୋବାଇଲ୍ ଫୋନ ଉଠାଇ ନ ଥିଲେ।

# ନାବାଳିକା ଅପହରଣ: ବାଳ ସୁଧାର ଗୃହକୁ ଗଲେ ନାବାଳକ

ସୋର, ୧୮।୩ (ଜନ୍ମେଜୟ ମିଶ୍ର)

ସୋର ଥାନା ତଳନଗର ପଞ୍ଚାୟତ ଭରଡ଼ାଗଡିଆ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଜଣେ ନାବାଳକଙ୍କୁ ଧରି ପୋଲିସ ବାଲେଶ୍ୱର ଜୁଭେନାଇଲ କୋର୍ଟରେ ହାଜର କରିଥିଲା। କୋର୍ଟଙ୍କ ନିର୍ଦ୍ଦେଶରେ ନାବାଳକଙ୍କୁ ଅନୁଗୋଳସ୍ଥିତ ବାଳ ସୁଧାର ଗୃହକୁ ପଠାଯାଇଛି। ଗତ ୨୦୨୫ ମସିହା ଡିସେମ୍ବର ୫ ତାରିଖରେ ଏହି ଅଞ୍ଚଳର ଜଣେ ନାବାଳିକାଙ୍କୁ ସବିରା ଅଞ୍ଚଳର ଜଣେ ନାବାଳକ ଅପହରଣ କରି ନେଇଥିବା ନେଇ ନାବାଳିକାଙ୍କ ପରିବାର ତରଫରୁ ସୋର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା(ନଂ.୧୦୦୮/୨୫) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଉଭୟ ବାଙ୍ଗାଲୋରରେ ଥିବା ଜାଣିବା ପରେ ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ରଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ସାଧୁସିଂ ଗାଗରାଇ ଏକ ଟିମ୍ ସହ ଚଢ଼ାଉ କରି ଉଭୟଙ୍କୁ ଉଦ୍ଧାର କରିଥିଲେ। ବୁଧବାର ପୂର୍ବାହ୍ନରେ ସୋର ପୋଲିସ ଉଭୟଙ୍କ ଡାକ୍ତରୀମାଇନା ପରେ ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଜିଲାସ୍ତରୀୟ କ୍ରିକେଟ୍: ସେମିରେ ନାଉଗାଁ ଥଣ୍ଡର ବିଜୟୀ

ନାଉଗାଁ, ୧୮।୩ ( ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ବାଣୀ କ୍ଷେତ୍ର କ୍ରିକେଟ କ୍ଲବ ତରଫରୁ ତ୍ରିଦିବସୀୟ ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସାମାଜିକ କର୍ମୀ ତ୍ରିନାଥ ପରିଜା ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ନାମେଣ୍ଟରେ ଜିଲାରୁ ୮ ଦଳ ଭାଗ ନେଇଛନ୍ତି। ପ୍ରଥମ ଦିବସରେ ୪ ଦଳ ଭାଗ ନେଇଥିଲେ। ୮ ଓଭର ବିଶିଷ୍ଟ ପ୍ରଥମ ମ୍ୟାଚ ଜଗତ୍‌ସିଂହପୁର ଷ୍ଟାର୍ଟ୍ସ ଷ୍ଟାଡିୟମ ଓ ନାଉଗାଁ ଥଣ୍ଡର ଷ୍ଟ୍ରାଇକର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଜଗତସିଂହପୁର ପ୍ରଥମେ ଟସ୍ ଜିତି ୮ ଓଭରରେ ୧୧୯ ରନ ସଂଗ୍ରହ କରିଥିବା ବେଳେ ନାଉଗାଁ ୫ ଉଇକେଟ୍‌ରେ ୧୨୦ ରନ ସଂଗ୍ରହ କରି ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚରେ ଇମେଜ୍ ଇଲେଭେନ ଭଦ୍ରକ ଓ ପୁରୀ ଜିଲା ଅସ୍ତରଙ୍ଗ ଟିମ୍ ମଧ୍ୟରେ ଖେଳାଯାଇଥିଲା। ଭଦ୍ରକ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୨୯ ରନ କରିଥିଲା। ଜବାବ୍‌ରେ ଅସ୍ତରଙ୍ଗ ଟିମ୍ ୧୦୩ ରନ କରି ପରାସ୍ତ ହୋଇଥିଲା। ସେମିଫାଇନାଲ ମ୍ୟାଚ ଭଦ୍ରକର ଇମେଜ ଇଲେଭେନ ଓ ନାଉଗାଁ ଥଣ୍ଡର ଷ୍ଟ୍ରାଇକର ମଧ୍ୟରେ ଖେଳାଯାଇଥିଲା । ନିର୍ଦ୍ଧାରିତ ଓଭରରେ ଭଦ୍ରକ ୭୮ ରନ ସଂଗ୍ରହ କରିଥିବାବେଳେ ନାଉଗାଁ ଥଣ୍ଡର ଷ୍ଟ୍ରାଇକର ୬୫ ରନରେ ସମସ୍ତ ଉଇକେଟ୍ ହରାଇ ପରାଜିତ ହୋଇଥିଲା। ଏହି ମ୍ୟାଚରେ ହିରାଲାଲ ମେଣ୍ଡିସଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଛି। ଟୁର୍ନାମେଣ୍ଟକୁ ବାଣୀ କ୍ଷେତ୍ରର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

# ମନମୁଖି ଭାବେ ବସୁଛି ନଳକୂପ

## ସରପଞ୍ଚଙ୍କ ଅଭିଯୋଗ ପରେ ବି ଫଳାଫଳ ଶୂନ

ରଘୁନାଥପୁର, ୧୮।୩ (ରାଜେନ୍ଦ୍ର ନାରାୟଣ ସିଂହ)



ପୋଖରୀ କଡ଼ରେ ବସାଯାଉଥିବା ନଳକୂପ।

ସରକାରୀ ଯୋଜନା ଦିଗହରା ହେଉଛି। ମନମୁଖି ଭାବେ ବସୁଛି ନଳକୂପ ବସାଯାଉଥିବାରୁ ହିତାଧିକାରୀଙ୍କୁ ଏହାର ଲାଭ ମିଳିପାରୁନାହିଁ। ଏପରି ବ୍ୟତିକ୍ରମ ଦେଖିବାକୁ ମିଳିଛି ରଘୁନାଥପୁର ବ୍ଲକ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଅଧିନରେ ଥିବା ରଘୁନାଥପୁର ପଞ୍ଚାୟତର ସୁଦ୍ଧଭୂମି ମା' ମଙ୍ଗଳା ମନ୍ଦିର ପାର୍ଶ୍ୱରେ ଥିବା ଏକ ପୋଖରୀ ନିକଟରେ। ଏଠାରେ ନଳକୂପ ନ ବସାଇବା ପାଇଁ ଗ୍ରାମବାସୀ ସରପଞ୍ଚ ସୁଚିତ୍ରା ପଣ୍ଡାଙ୍କୁ ଜଣାଇବା ପରେ ସରପଞ୍ଚ ପଣ୍ଡା ଏ ସମ୍ପର୍କରେ ବିଭାଗୀୟ ଏସଡିଓଙ୍କୁ ଅବଗତ କରିଥିଲେ। ନଳକୂପକୁ ପୋଖରୀ ପାଖରେ ନ ବସାଇ ମନ୍ଦିର ପାଖରେ ବସାଇବା ପାଇଁ ପଣ୍ଡା ଏସ୍‌ଡିଓଙ୍କୁ କହିଥିଲେ ସୁଧା କୌଣସି ସୁଫଳ ମିଳି ନଥିବା ସରପଞ୍ଚ ପଣ୍ଡା କହିଛନ୍ତି।

ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଇଣ୍ଡିଆ ମାର୍କା -୨ ନଳକୂପ ବସାଇବା ପାଇଁ ଅନୁଦାନ ଯୋଗାଇ ଦିଆଯାଇଥିଲା। ଉପଯୁକ୍ତ ସ୍ଥାନ ଚୟନ କରା ନ ଯାଇ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ଠିକାଦାର ମନମୁଖୀଭାବେ ନଳକୂପଟି ବସାଇ ଦେଉଛନ୍ତି ବୋଲି ସରପଞ୍ଚ ପଣ୍ଡା ଅଭିଯୋଗ କରିଛନ୍ତି। ଆବଶ୍ୟକ ସ୍ଥାନରେ ନଳକୂପ ବସା ନ ଗଲେ ବାଧହୋଇ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ଏବଂ ଏଥିପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଚନ୍ଦ୍ରଶେଖର ସାହୁଙ୍କୁ ପଚାରିବାରୁ ସେ ଛୁଟିରେ ଥିବା ଓ କ'ଣ ହେଇଛି ପରେ ଦେଖିବେ ବୋଲି ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ରଘୁନାଥପୁର ସବ୍‌ଡିଭିଜନ ନିର୍ବାହୀ ଯନ୍ତ୍ରୀ ରବିନ୍ଦ୍ର କୁମାର ସେଠୀ ଘଟଣାସ୍ଥଳ ପରିଦର୍ଶନ କରିବା ପରେ ପରବର୍ତ୍ତୀ ପଦକ୍ଷେପ ନେବ ବୋଲି ପ୍ରକାଶ କରିଛନ୍ତି।

# ୧୪ ଦିନ ପାଇଁ ୧୪ଟି ଦିବସ ପାଳନ ହେବ

■ଓଡ଼ିଆ ପକ୍ଷ ପାଳନ ପ୍ରସ୍ତୁତି ବୈଠକ

■ଓଡ଼ିଆ ଅସ୍ମିତାର ପ୍ରଚାର, ପ୍ରସାର ପାଇଁ ପଦକ୍ଷେପ

ନୟାଗଡ଼,୧୮।୩(ଲୋକନାଥ ମିଶ୍ର)

ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ, ଐତିହ୍ୟ ଓ ପରମ୍ପରାର ପ୍ରସାର ଓ ଜନସଚେତନତା କରାଯିବା ଉଦ୍ଦେଶ୍ୟରେ ଅପ୍ରେଲ ୧ ଓଡ଼ିଶା ଦିବସଠାରୁ ଏପ୍ରିଲ ୧୪ ପଣା ସକ୍ରାନ୍ତି ପର୍ଯ୍ୟନ୍ତ ୧୪ ଦିନ ପାଳନ କରାଯିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଛି। ଏଥିରେ ଜିଲାପାଳ ମଧୁମିତା ରଥ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ)ରୋଜିନା ଦାସ ପରିଚାଳନା, ମ୍ୟୁନିସିପାଲିଟି ଚେୟାରମ୍ୟାନ ନିରୁପମା ଖଟେଇ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଜୟାନନ୍ଦ ନାୟକ, ଏସପି ଏସ୍ ସୁଶ୍ରୀ, ଜିଲା ପରିଷଦ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଅଚାର୍ଯ୍ୟ ମଞ୍ଚାସୀନ ଥିଲେ। ଏପ୍ରିଲ ୧ରେ ଓଡ଼ିଶା ଦିବସକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଏପ୍ରିଲ ୨ରେ ଖଡିଚ୍ଛୁଆଁ ଦିବସକୁ ଜିଲା ଶିକ୍ଷା ଅଧିକାରୀ ପାଳନ କରିବେ। ସଭିଏ ସ୍କୁଲ ଯିବା ପାଇଁ ପ୍ରୋତ୍ସାହନ କରିବା ନିମନ୍ତେ ଜିଲାସ୍ତରୀୟ ଖଡିଛୁଆଁ ଦିବସ ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ ପରିସରରେ କରାଯିବ। ୩ରେ



ଓଡ଼ିଆ ପକ୍ଷ ପାଳନ ସମ୍ପର୍କରେ ଆଲୋଚନା କରାଯାଉଛି।

ପାରମ୍ପରିକ ପୋଷାକ ଦିବସ ଥିବାବେଳେ ସହକାରୀ ନିର୍ଦ୍ଦେଶକ ବୟନ ଶିଳ୍ପ ପକ୍ଷରୁ ହସ୍ତତନ୍ତ ବସ୍ତ୍ରର ବ୍ୟାପକ ପ୍ରଚାର ଓ ପ୍ରସାର କରାଯିବ। ସମ୍ପୃକ୍ତ ଦିବସରେ ସରକାରୀ କର୍ମଚାରୀ ଓ ଅଧିକାରୀ ବୟନ ଶିଳ୍ପ ଦ୍ୱାରା ପ୍ରସ୍ତୁତ ପୋଷାକ ପିନ୍ଧି ଆସିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ହସ୍ତତନ୍ତ ଓ ପାୱାର ଲୁମରେ ପୋଷାକ ପ୍ରସ୍ତୁତ କରୁଥିବା ନୟାଗଡ଼ର କେତେକ କାରିଗରଙ୍କୁ ନିମନ୍ତ୍ରିତ କରିବାକୁ ନିଷ୍ପତି ହୋଇଛି। ଏପ୍ରିଲ ୪ରେ ନାମ ଫଳକ ଅଭିଯାନ ଓ ସଚେତନତା ପଦଯାତ୍ରା ଦିବସ ପାଳନ କରାଯିବ। ଜିଲାର ସବୁ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଓ ବ୍ୟବସାୟ ପ୍ରତିଷ୍ଠାନର ନାମ ଓଡ଼ିଆରେ ଲେଖାଯିବାକୁ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଜିଲା ଶ୍ରମ ବିଭାଗ ପକ୍ଷରୁ ସମ୍ପୃକ୍ତ ଦିବସ ପାଳନ କରାଯିବ। ଏପ୍ରିଲ ୫ରେ ଐତିହ୍ୟ ଗଣଦୌଡ ଦିବସରେ କ୍ରୀଡାବିତ୍ ଓ ଯୁବପିଢି, ଛାତ୍ରୀଛାତ୍ର, ଶିକ୍ଷକ, ଅଧାପକ, ଜନସାଧାରଣଙ୍କୁ ସାମିଲ କରାଯିବ। ଉପଜିଲାପାଳ, ଜିଲା କ୍ରୀଡା ଅଧିକାରୀ ଓ ପର୍ଯ୍ୟଟନ ଅଧିକାରୀ ଏହାକୁ ପରିଚାଳନା କରିବେ। ଏପ୍ରିଲ ୬ରେ ସ୍ୱଚ୍ଛ ଓଡ଼ିଶା ଦିବସ ପାଳନ କରାଯିବ। ଜିଲାର ସମସ୍ତ ଦେବାଳୟ ଓ ପର୍ଯ୍ୟଟନସ୍ଥଳ ସଫେଇ କରାଯିବ। ବିଡିଓ, ପର୍ଯ୍ୟଟନ ଅଧିକାରୀ ଓ ପୌର ପରିଷଦର ନିର୍ବାହୀ ଅଧିକାରୀ ପରିଚାଳନା କରିବେ। ଏପ୍ରିଲ ୭ରେ ବର୍ଣ୍ଣବୋଧ ଦିବସ ପାଳନ ହେବ। ଏଥିରେ ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରଦତ୍ତ ବର୍ଣ୍ଣବୋଧକୁ ବଣ୍ଟନ କରାଯିବ। ଜିଲା ସଂସ୍କୃତି ଅଧିକାରୀ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏପ୍ରିଲ ୮ରେ ରକ୍ତଦାନ ଦିବସରେ ଅଧିକ ରକ୍ତ ସଂଗ୍ରହ କରିବାକୁ ଉପଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଡେପୁଟି କଲେକ୍ଟର(ରେଡକ୍ରସ)ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏପ୍ରିଲ ୯ରେ ଆସ ବହିଟିଏ କିଣିବା ଦିବସ ପାଳନ କରାଯିବ। ଛାତ୍ରୀଛାତ୍ରଙ୍କ ମନରେ ପୁସ୍ତକ ପଠନ ପ୍ରତି ଆଗ୍ରହ ସୃଷ୍ଟି ଉଦ୍ଦେଶ୍ୟରେ ପୁସ୍ତକ କ୍ରୟ ନିମନ୍ତେ ଏକ ବୁକ ଷ୍ଟଲ କରାଯିବ। ବୁକ ଷ୍ଟଲରୁ ଛାତ୍ରୀଛାତ୍ର ବହି କଣିବେ। ଉପଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏପ୍ରିଲ ୧୦ରେ ଲୋକକଳା ଦିବସ ପାଳନ ହେବ। ଜିଲାର ଏକମତ୍ର ଲୋକକଳା ଗ୍ରାମ ଦଶପଲ୍ଲାର କୁଞ୍ଜବନଗଡ଼ରେ ଲୋକକଳାର ପ୍ରଚାର ଓ ପ୍ରସର ପାଇଁ ଦଶପଲ୍ଲା ବିଡିଓଙ୍କୁ ଦାୟିତ୍ୱ ଦିଆଯାଇଛି। ଏପ୍ରିଲ ୧୧ରେ ଯୁବ ଲେଖକ ସମ୍ମିଳନି ହେବ। ଏଥିରେ ସମସ୍ତ କବିମାନଙ୍କୁ ଡକାଯିବ। ଜିଲା ସଂସ୍କୃତି ଅଧିକାରୀ ଏହାକୁ ପରିଚାଳନା କରିବେ। ଏପ୍ରିଲ ୧୨ରେ ବରପୁତ୍ରମାନଙ୍କ ଉପରେ ଆଲୋଚନା ହେବ। ଜିଲା ସଂସ୍କୃତି ଅଧିକାରୀ ଓଡ଼ିଶାର ବରପୁତ୍ର ମାନଙ୍କ ଉପରେ ଆଲୋଚନା ଚକ୍ର କରିବେ। ଜିଲାର ବରପୁତ୍ରମାନଙ୍କର ତାଲିକା ସଂଗ୍ରହ କରି ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏପ୍ରିଲ ୧୩ରେ ପାରମ୍ପରିକ ଖାଦ୍ୟ ଦିବସ ପାଳନ ହେବ। ଜିଲାର ସମସ୍ତ ବିଡିଓ ଏହାକୁ ପାଳନ କରିବେ। ପାରମ୍ପରିକ ଖାଦ୍ୟ, ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ବିକ୍ରୟ କରାଯିବ। ଏପ୍ରିଲ ୧୪ ପଣା ସଂକ୍ରାନ୍ତିରେ ଓଡ଼ିଆ ନବ ବର୍ଷରେ କାର୍ଯ୍ୟକ୍ରମ ଉଦ୍‌ଯାପନ ହେବ। ନବବର୍ଷ ପାଳନ ପାଇଁ ବ୍ଲକସ୍ତରରେ ଝୋଟି, ମୁରୁଜ, ପଣା କରାଯିବ। ବିଡିଓ, ପୌର ପରିଷଦ ନିର୍ବାହୀ ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ ଓ ଜିଲା ସଂସ୍କୃତି ଅଧିକାରୀ ଏହାକୁ ପରିଚାଳନା କରିବେ। କାର୍ଯ୍ୟକ୍ରମ ପରିଚାଳନା ପାଇଁ ପ୍ରତି ବ୍ଲକକୁ ଦେଢ଼ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯିବ। ସମସ୍ତ କାର୍ଯ୍ୟକ୍ରମକୁ ଡକ୍ୟୁମେଣ୍ଟେଶନ କରି ଓଡ଼ିଆ ପକ୍ଷ ୨୦୨୬ ୱେବ୍‌ସାଇଟରେ ସ୍ଥାନିତ କରିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଥିବା ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ପ୍ରତିବିମ୍ବିତ କରେ ଭାଷା, ସାହିତ୍ୟ

ଚିକିଟି, ୧୮।୩(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟିଗଡ଼ସ୍ଥିତ ମହାବିଦ୍ୟାଳୟରେ ବୁଧବାର କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ଚିକିଟି ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଓଡ଼ିଆ ଭାଷା ଓ ସାହିତ୍ୟର ସ୍ଥିତି ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ଏକାଡେମୀ ଆବାହକ ଗୌରହରି ଦାସ ସଭାପତିତ୍ୱ କରିଥିଲେ। ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥିଭାବେ ଓଡିଆ ଭାଷା ପ୍ରତିଷ୍ଠାନର ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଦ୍ୱିତୀୟ ଅଧିବେଶନରେ ବ୍ରହ୍ମପୁରସ୍ଥିତ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ଼କ୍ଟର କୁଳମଣି ଓଝା ବକ୍ତା ରୂପେ ଯୋଗଦେଇ ଓଡ଼ିଆ ଭାଷା ଭାରତର ଏକ ପ୍ରାଚୀନ ସମୃଦ୍ଧ ଭାଷା। ଏହା ଓଡ଼ିଆ ଭାଷା ଓ ସାହିତ୍ୟ ଆମ ସଂସ୍କୃତି, ପରମ୍ପରା ଓ ଐତିହକୁ ପ୍ରତିବିମ୍ବିତ କରେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼କ୍ଟର ଭବାନୀ ପ୍ରସାଦ ପଣ୍ଡା, ଗବେଷକ ଲମ୍ବୋଦର ପାଣିଗ୍ରାହୀ, କୋଲକାତାସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର ସହାୟକ ସମ୍ପାଦକ କ୍ଷେତ୍ରବାସୀ ନାୟକ, ଓଡ଼ିଆ ବିଭାଗ ମୁଖ୍ୟ ଡ଼କ୍ଟର ସଞ୍ଜୟ ପଣ୍ଡା, ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ବିପିନ ନାୟକ, ଖୋଲିକୋଟ ବିଶ୍ୱ ବିଦ୍ୟାଳୟର ଡ଼କ୍ଟର ଉଷାରାଣୀ ରଥ, ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ଅଧାପକ ଦେବୀ ପ୍ରସାଦ ଶତପଥୀ ଯୋଗଦେଇ ଦକ୍ଷିଣ ଉପାନ୍ତ ଓଡିଶା ଆଜି ସାହିତ୍ୟର ମୂଳ ସ୍ରୋତରୁ ବିଚ୍ୟୁତ ହୋଇ ସେହି ପାରମ୍ପରିକ ଧାରା କାବ୍ୟ କ୍ଷେତ୍ରରେ ରହିଛି ବୋଲି ମତ ଦେଇଥିଲେ। ଡ଼କ୍ଟର ଲମ୍ବୋଦର ପାଣିଗ୍ରାହୀ, କବି ବିପିନ ନାୟକ ପ ପ୍ରବନ୍ଧ ପାଠ କରିଥିଲେ। ଅଧ୍ୟକ୍ଷ ଡ଼କ୍ଟର ହୃଷିକେଶ ପଣ୍ଡା ଏବଂ ଛାତ୍ରୀ ସଙ୍ଗୀତା ଦାସ ଓ ରୁପାଲୀ ମହାନ୍ତି ଦକ୍ଷିଣ ଉପାନ୍ତ ଅଞ୍ଚଳର ଲୋକଚାର ଓ ଲୋକକଳା ସମ୍ପର୍କିତ ନିବନ୍ଧ ପାଠ କରିଥିଲେ। ଏହି ଅବସରରେ ଦକ୍ଷିଣ ଉପାନ୍ତ ଅଞ୍ଚଳର ଭାଷା ସାହିତ୍ୟ ବିକାଶରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଡ଼କ୍ଟର ଅଲେଖ ଚନ୍ଦ୍ର ପ୍ରଧାନ ଓ ଡ଼କ୍ଟର ଅଶୋକ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ବିଦ୍ୱାନ ବ୍ୟକ୍ତି ଡ଼କ୍ଟର ଲକ୍ଷ୍ମୀ ନାରାୟଣ ପଣ୍ଡା, ଡ଼କ୍ଟର ସୁମିତା ମିଶ୍ର, ଡ. ରୀନା ସାହୁ ଉପସ୍ଥିତ ଥିଲେ। ଅଧାପକ ପ୍ରକାଶ ବେହେରା ଧନ୍ୟବାଦ ଦେଇଥିଲେ।

# ପ୍ରଦୂଷଣ ନିୟନ୍ତ୍ରଣ, ବାଲ୍ୟ ବିବାହ ନିରାକରଣ ନେଇ ସଚେତନତା

ପାରଳାଖେମୁଣ୍ଡି,୧୮।୩(ଗିରିଧାରୀ ପରିଚ୍ଛା)

ପାରଳାଖେମୁଣ୍ଡିସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟରେ ବୁଧବାର ଗଜପତି ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ପ୍ରଦୂଷଣ ନିୟନ୍ତ୍ରଣ, ବାଲ୍ୟବିବାହ ନିରାକରଣ ନେଇ ସଚେତନତା କାର୍ଯ୍ୟକ୍ରମ ହୋଇଛି। ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଜଜ୍ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶରେ ହୋଇଥିବା କାର୍ଯ୍ୟକ୍ରମରେ ଜିଲା ରେଜିଷ୍ଟ୍ରାର ପ୍ରସନ୍ନ ବେହେରା ଅଧ୍ୟକ୍ଷତା କରିଥିଲେ। ବେହେରା ବାଳକମାନଙ୍କୁ ଭବିଷ୍ୟତରେ ସୁନାଗରିକ ହୋଇ ସୁନାମ ଅର୍ଜନ କରିବା, ଗ୍ରୀଷ୍ମଋତୁ ପୂର୍ବରୁ ଚାରାରୋପଣ କରିବାକୁ ପରାମର୍ଶ ଦେଇଥିଲେ। ନିମନ୍ତ୍ରିତ ଅତିଥି ଭାବେ ଜିଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ ମିଶ୍ର ଯୋଗଦେଇ ପ୍ରଦୂଷଣ ରୋକିବା ଓ ଡିସିପିଓ ଅରୁଣ ତ୍ରିପାଠୀ ବାଲ୍ୟ ବିବାହ ରୋକିବା ନେଇ ରହିଥିବା ବିଭିନ୍ନ ଆଇନ ସମ୍ପର୍କରେ ଅବଗତ କରାଇଥିଲେ। ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଗୌରହରି କରସୁଧା ପଟ୍ଟନାୟକ ଛାତ୍ରମାନଙ୍କୁ ଜୀବନର ଲକ୍ଷ୍ୟ ସ୍ଥିର ରଖିବାକୁ ପରାମର୍ଶ ଦେଇଥିଲେ। ପୂର୍ବତନ ଛାତ୍ର ଓ ଏପିପି ଏଡ଼ଲା ଶିବ କୁମାର ବିଦ୍ୟାଳୟରେ କଟିଥିବା ନିଜ ପୁରୁଣା ସ୍ମୃତି ଛାତ୍ରମାନଙ୍କୁ ଶୁଣାଇଥିଲେ। ଏବିଇଓ ଏସ. ଗିରିଧାରୀ ରାଓ ଓ ଗୋଶାଣୀ ବିଇଓ ସୋମେଶ୍ୱର ରାଓ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଦାସ ଧନ୍ୟବାଦ ଦେଇଥିଲେ।

# ଏନ୍‌ଏଚ୍‌ଆର୍‌ସି ବିଶେଷଜ୍ଞଙ୍କ କନ୍ଧମାଳ ଗସ୍ତ

## ଆଦିବାସୀ କଲ୍ୟାଣ ଯୋଜନାର କଲେ ସମୀକ୍ଷା

ଫୁଲବାଣୀ,୧୮।୩
(ରାକେଶ କୁମାର ରାଉତ)

ଜାତୀୟ ମାନବାଧିକାର କମିଶନ ଆଦିବାସୀ କଲ୍ୟାଣ ବିଭାଗର ସ୍ୱତନ୍ତ୍ର ମନିଟର (ବିଶେଷଜ୍ଞ) ହେମନ୍ତ କୁମାର ୨ ଦିନିଆ କନ୍ଧମାଳ ଗସ୍ତରେ ଆସି ଫେରି ଯାଇଛନ୍ତି। ବୁଧବାର ସେ ବିଭିନ୍ନ ଅଞ୍ଚଳକୁ ଯାଇ କ୍ଷେତ୍ର ପରିଦର୍ଶନ କରିଛନ୍ତି। ତୃଣମୂଳସ୍ତରରେ ଆଦିବାସୀମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଯେପରିକି ଆଦି କର୍ମଯୋଗୀ, ଡିଏ ଜେଜିୟୁଏର ପ୍ରକୃତ ସ୍ଥିତି ଏବଂ ଏହାର ସୁଫଳ ହିତାଧିକାରୀଙ୍କ ପାଖରେ ପହଞ୍ଚିଛି କି ନାହିଁ ତାହା ପରଖିଛନ୍ତି। ପ୍ରଥମେ ଫୁଲବାଣୀ ବ୍ଲକ୍‌ର ଦଡକି ପଞ୍ଚାୟତ ଅଧୀନରେ ଥିବା ତ୍ରାସ୍କିପଦର ଗ୍ରାମ ପରିଦର୍ଶନ କରିଥିଲେ। ସେଠାରେ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ପରିଚାଳନା କମିଟିର ଗଠନ ଏବଂ ଜଙ୍ଗଲ ଅଧିକାର ଆଇନର କାର୍ଯ୍ୟକାରିତା



କସମ କାର୍ଯ୍ୟାଳୟରେ ଆଲୋଚନା କରୁଛନ୍ତି।

ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସମୟରେ ସେ ଜଙ୍ଗଲ ନିଆଁରୁ ସୁରକ୍ଷା, କୃଷି ସଂଯୋଗୀକରଣ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ ବିକ୍ରୟ ବ୍ୟବସ୍ଥା ଉପରେ ପଚାରି ବୁଝିଥିଲେ। ସେହିପରି ଅନ୍ୟ ଗ୍ରାମକୁ ଯାଇ ସେଠାରେ ଗ୍ରାମୀଣ କର୍ମଯୋଜନାର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ବିଶେଷ କରି ବ୍ୟକ୍ତିଗତ ଜଙ୍ଗଲ ଅଧିକାର ସାର୍ଟିଫିକେଟ ପାଇଥିବା ହିତାଧିକାରୀମାନେ ସରକାରୀ ସୁବିଧା ସୁଯୋଗର ଉପଯୋଗ କରୁଛନ୍ତି କି ନାହିଁ ଆଦି କର୍ମଯୋଗୀ ଯୋଜନାରେ ସେମାନଙ୍କର କିପରି ଉନ୍ନତି ହୋଇଛି ସେଥିପ୍ରତି ସେ ବିଶେଷ ଦୃଷ୍ଟି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଇଟିଡ଼ିଏ, ବନ ବିଭାଗର ଅଧିକାରୀ ସାମିଲ ଥିଲେ।

# ସାମାଜିକ କର୍ମୀଙ୍କୁ ଆକ୍ରମଣ, ବାପପୁଅ ଜେଲ ଗଲେ

ଦିଗପହଣ୍ଡି,୧୮।୩(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡ଼ା ଗ୍ରାମର ସାମାଜିକ କର୍ମୀ ମାନସ ରଞ୍ଜନ ପଟ୍ଟନାୟକ ଓରଫ ମନୋଜଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ଦିଗପହଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମନୋଜଙ୍କ ଏତଲାକୁ ଭିତ୍ତିକରି କେ.ନୂଆଗାଁ ପୋଲିସ ନଂ.୭୫/୨୬ରେ ମାମଲା ରୁଜୁ କରି ଏହି ଘଟଣାରେ ୨ ଜଣ କାଳୁ ଗୌଡ଼ ଏବଂ ତାଙ୍କ ପୁଅ ମନୋଜ ଗୌଡ଼ଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠା ଯାଇଥିବା ଆଇଆଇସି ବିଶ୍ୱଜିତ ନାୟକ କହିଛନ୍ତି। ଅଭିଯୁକ୍ତ କାଳୁଙ୍କ ନିକଟରୁ ଆକ୍ରମଣ ବେଳେ ବ୍ୟବହୃତ କାଠଫାଳିଆ ଜବତ ହୋଇଛି। ମନୋଜ ଗାଁ ବାଇପାସ ଛକରେ ଏକ ରାଶନ ଦୋକାନଠାରେ ଠିଆ ହୋଇଥିବା ବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର ଅଭିଯୁକ୍ତ ବାପପୁଅଙ୍କ ସମେତ ଅନ୍ୟ କେତେଜଣ ତାଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ମନୋଜଙ୍କ ସୁନା ଚେନ ଓ ପକେଟରୁ ଟଙ୍କା ଛଡାଇ ନେଇଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି। କାଳୁଙ୍କ ନାଁରେ ପୂର୍ବରୁ ଏକ ହତ୍ୟା ମାମଲା ରହିଛି। ସେ ସର୍ତ୍ତମୂଳକ ଜାମିନରେ ଜେଲରୁ ନିକଟରେ ମୁକୁଳିଥିଲେ।

# ଦଣ୍ଡଯାତ୍ରା ସମ୍ପର୍କରେ ଗବେଷଣା ସନ୍ଦର୍ଭ ପ୍ରସ୍ତୁତ

ବେଲଗୁଣ୍ଠା,୧୮।୩(କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ଡେଙ୍ଗାପଦର ଗ୍ରାମରେ ଦଣ୍ଡଭକ୍ତମାନଙ୍କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଗଣ ଯୋଗାଯୋଗ ବିଭାଗର ଛାତ୍ର ସ୍ୱସ୍ତି ସୁନ୍ଦର ସିଆ ବିଭାଗୀୟ ପ୍ରାଧ୍ୟାପକ ପ୍ରଫେସର୍ ଗଣେଶ ସେଠୀଙ୍କ ତତ୍ତ୍ୱାବଧାନରେ ସାମାଜିକ ପ୍ରସଙ୍ଗ ସଚେତନତାରେ ମୌଳିକ ଦେଶୀୟ ଗଣ ମାଧ୍ୟମର ଭୂମିକା ଓ ଗଞ୍ଜାମ ଦଣ୍ଡଯାତ୍ରା ଅନୁଶୀଳନ ଶୀର୍ଷକ ସନ୍ଦର୍ଭ ପ୍ରସ୍ତୁତ କରୁଛନ୍ତି। ଆଲୋଚନାରେ ଉକ୍ତ ଆଭିମୁଖ୍ୟ ସମ୍ପର୍କରେ ଅନୁଭୂତି ସମ୍ପନ୍ନ ଦଣ୍ଡଭକ୍ତଙ୍କ ସହିତ ପ୍ରଶ୍ନୋତ୍ତର ଆଲୋଚନା ହୋଇଥିଲା। ଦଣ୍ଡନାଚ ପରିଚାଳନା ଅଧିକାରୀ ବିପ୍ର ଚରଣ ସାହୁ, ପାଟ ଦଣ୍ଡୁଆ ଉପେନ୍ଦ୍ର ପ୍ରଧାନ, ଦଣ୍ଡଭକ୍ତ ଭଞ୍ଜ ରାମ୍ ସ୍ୱାଇଁ, ବିପ୍ରଚରଣ ନାୟକ, ସନ୍ତୋଷ ମଲ୍ଲ, ଚନ୍ଦ୍ର ଶେଖର୍ ନାୟକ ଏବଂ ପରିଚାଳନା କମିଟି ଦଣ୍ଡଯାତ୍ରା ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ।

ମନ୍ଦିର ପୂଜାକୁ ନେଇ ସବର୍ଣ୍ଣ-ଅସବର୍ଣ୍ଣ ଗୋଷ୍ଠୀ ବିବାଦ

# ଶାନ୍ତି କମିଟି ବୈଠକରେ ସମାଧାନ ଉଦ୍ୟମ

ଭଞ୍ଜନଗର,୧୮।୩(ବାବୁଲା ପ୍ରଧାନ)

ତାରସିଂ ଥାନା ଅନ୍ତର୍ଗତ ପେଟାପଦର ଗ୍ରାମଦେବତୀ ମନ୍ଦିର ପୂଜାକୁ ନେଇ ସବର୍ଣ୍ଣ ଅସବର୍ଣ୍ଣ ଗୋଷ୍ଠୀ ମଧ୍ୟରେ ବହୁବର୍ଷ ହେବ ବିବାଦ ଲାଗିରହିଛି। ତାରସିଂ ପୋଲିସ ଏଥିରେ ହସ୍ତକ୍ଷେପ କରି ବୁଧବାର ଏକ ବୈଠକରେ ସମସ୍ୟାର ସମାଧାନ କରିବା ପାଇଁ ଉଦ୍ୟମ କରିଥିଲା। ଉଭୟ ପକ୍ଷକୁ ବୁଝାଶୁଝା କରାଯାଇଥିଲା। ସମସ୍ୟା ସମାଧାନ ନ ହେବାରୁ ପୋଲିସ ଶେଷରେ ଉଭୟ ପକ୍ଷର ଏତଲାକୁ ଭିତ୍ତିକରି ପୃଥକ ୨ଟି ମାମଲା ରୁଜୁ କରିଛି। ଉଭୟ ପକ୍ଷର ୭୫ ଜଣକ ନାମରେ ମାମଲା ରୁଜୁ ହୋଇଛି। ଏହା ସିଭିଲ ବିବାଦ ହୋଇଥିବା ଯୋଗୁ ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବା ପାଇଁ ପଦକ୍ଷେପ ନିଆଯାଇଛି।

ପେଟାପଦର ଗ୍ରାମଦେବତୀ ମନ୍ଦିରରେ ଉଭୟ ଗୋଷ୍ଠୀ ପୂଜା କରନ୍ତି। କିନ୍ତୁ ଗୋଟିଏ ଗୋଷ୍ଠୀ ସେଠାରେ ଆଉ ଗୋଟିଏ ଅଲଗା ମନ୍ଦିର କରି ପୂଜା କରିବାକୁ ଚାହିଁବାରୁ ବିବାଦ ଦେଖାଦେଇଥିଲା। ବିବାଦ ବଢୁଥିବା ବେଳେ ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିଥିଲେ। ଉଭୟ ଗୋଷ୍ଠୀଙ୍କୁ ନେଇ ବୈଠକ ହୋଇଥିଲା। ଏଥିରେ ଆଇଆଇସି ପୂଜାରୀ, ଏଏସପି ରଞ୍ଜନ କୁମାର ଦେ ପ୍ରମୁଖ ଉପସ୍ଥିତ ରହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେଇଥିଲେ।

# ବ୍ରାହ୍ମଣୀଗାଁରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବ୍ରାହ୍ମଣୀଗାଁ ୧୮।୩ (ମନୋରଞ୍ଜନ ରଣା)

ଦାରିଙ୍ଗବାଡ଼ି ବ୍ଲକ୍ ବ୍ରାହ୍ମଣୀଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ଦ୍ୱିତୀୟ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ବିଡିଓ ପ୍ରୀତିରଞ୍ଜନ ରଥଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବ୍ଲକ୍ ସହକାରୀ ସାମାଜିକ ସୁରକ୍ଷା ଅଧିକାରୀ କ୍ଷେତୀଶ ପ୍ରିୟଦର୍ଶୀ ସାହୁଙ୍କ ପରିଚାଳନା କରିଥିଲେ। ଏଥିରେ ମୋଟ ୨୫୦ଜଣ ନିଜ ନାମ ପଞ୍ଜିକରଣ କରି ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିବା ବେଳେ ମୋଟ ୧୮୫ ଜଣ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରାଯାଇଥିଲା। ସେମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ବିଡ଼ିଓ ରଥ କହିଛନ୍ତି। ସେମାନଙ୍କ ମଧ୍ୟରେ ଅସ୍ଥିଶଲ୍ୟ ସମସ୍ୟା ରହିଥିବା ୯୮ଜଣଙ୍କୁ ଚିହ୍ନଟ କରାଯାଇଥିବା ବେଳେ ବାକ ଓ ଶ୍ରବଣ ଶକ୍ତି ସମସ୍ୟା ୩୩, ମସ୍ତିଷ୍କ ବିକୃତି ୨୭, ରକ୍ତ ଶିକୁଳି ୧୫ ଏବଂ ଦୃଷ୍ଟି ବାଧିତ ୧୨ ଜଣଙ୍କୁ ଚିହ୍ନଟ କରାଯାଇଛି। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ, ଫୁଲବାଣୀ ସାମାଜିକ ସୁରକ୍ଷା ଅଧିକାରୀ ସୋମ୍ୟରଞ୍ଜନ ସାହୁ, ଦାରିଙ୍ଗବାଡ଼ିର ରାମକୃଷ୍ଣ ବେହେରା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମମିତା କୁମାରୀ ପ୍ରଧାନ, ଜିଲା ଦିବ୍ୟାଙ୍ଗ ଥଇଥାନ କେନ୍ଦ୍ରର ଅଧିକାରୀ ଅକ୍ଷୟ ପଣ୍ଡା, ଦାରିଙ୍ଗବାଡ଼ି ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲି, ଏପିଓ କେଦାର ଚନ୍ଦ୍ର ପଣ୍ଡା, ଗୋଷ୍ଠୀ ସମ୍ବଳ ଶିକ୍ଷକ ମାନସ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

# ୮ ଇଟାଭାଟି ମାଟିରେ ମିଶିଲା

## ବେଆଇନ ଇଟାଭାଟି ଉପରେ ଚଢ଼ାଉ



ବୁଲ୍‌ଡୋଜର ଲଗାଇ ପ୍ରଶାସନ ଭାଙ୍ଗୁଥିବା ଇଟାଭାଟି।

ପାରଳାଖେମୁଣ୍ଡି,୧୮।୩(ଗିରିଧାରୀ ପରିଚ୍ଛା)

ବେଆଇନ ଇଟା କାରବାର ଉପରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରିଛି। ଗଢି ଉଠିଥିବା ବେଆଇନ ଇଟାଭାଟିକୁ ପ୍ରଶାସନ ବୁଲଡୋଜର ଲଗାଇ ଭାଙ୍ଗୁଛି। ଗୁରୁବାର ପ୍ରଥମ ପର୍ଯ୍ୟାୟରେ କାଶୀନଗର ବ୍ଲକର ଖାଣ୍ଡବା ପଞ୍ଚାୟତରେ ୮ଟି ଇଟା ଭାଟି ନଷ୍ଟ କରାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଯେଉଁ ଇଟା ଭାଟିଗୁଡିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରୁ ଅନୁମତି ପାଇନାହାନ୍ତି ସେଗୁଡିକୁ ଭଙ୍ଗାଯାଇ ମାଲିକମାନଙ୍କଠାରୁ ଜରିମାନା ଆଦାୟ କରାଯିବ। ଗଜପତି ଜିଲାର କାଶୀନଗର, ଗୁମ୍ମା, ରାୟଗଡ, ଗୋସାଣି ଅଞ୍ଚଳରେ ପ୍ରଶାସନ ପକ୍ଷରୁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଖଣି ଅଧିକାରୀ ଦିପେନ ପରିଡା କହିଛନ୍ତି।

ଗତ ୨୦୨୫ ମେ ମାସରେ ବେଆଇନ ଭାବେ ଗଢି ଉଠିଥିବା ଇଟାଭାଟିଗୁଡିକ ଉପରେ ଜିଲା ପ୍ରଶାସନ ଚଢ଼ାଉ କରିଥିଲା। କାଶୀନଗର ଓ ଗୋସାଣି ବ୍ଲକର ବିଭିନ୍ନ ଅଞ୍ଚଳରେ ଥିବା ବେଆଇନ ଇଟାଭାଟିଗୁଡିକୁ ବୁଲ୍‌ଡୋଜର ଲଗାଇ ନଷ୍ଟ କରିବା ସହ ମାଲିକମାନଙ୍କ ନିକଟରୁ ଜରିମାନା ପକାଇଥିଲା। ମାତ୍ର କେତେଜଣ ଇଟାଭାଟି ମାଲିକ ଏଯାଏ ଜରିମାନା ଦେଇନାହାନ୍ତି। କିଛି ଦିନ ଇଟାଭାଟି ବନ୍ଦ ରଖି ପୁଣି ଚାଲୁ କରିଛନ୍ତି। ଏ ସମ୍ପର୍କରେ ସୂଚନା ପାଇ ପ୍ରଶାସନ ବୁଧବାର ପୁଣି ଚଢାଉ ଆରମ୍ଭ କରିଛି। ବେଆଇନ ରୂପେ ଗଢି ଉଠୁଥିବା ଇଟାଭାଟିଗୁଡିକୁ ଭାଙ୍ଗୁଛି। ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ନିର୍ଦ୍ଦେଶରେ ଉପ ଜିଲାପାଳ ଅନୁପ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଠିତ ସ୍ୱତନ୍ତ୍ର ଟିମ ଏହି ଇଟାଭାଟିଗୁଡିକୁ ଭାଙ୍ଗୁଛି। କାଶୀନଗର ତହସିଲଦାର ସୁଧୀର ନନ୍ଦ ଓ ଜିଲା ଖଣି ଅଧିକାରୀ ପରିଡା ଏବଂ ଦୁଇ ପ୍ଲାଟୁନ ପୋଲିସ ଟିମ୍‌ରେ ସାମିଲ ହୋଇଛନ୍ତି। ସୂଚନାଯୋଗ୍ୟ, ସୁପ୍ରିମକୋର୍ଟ ଇଟା ପୋଡାକୁ ବେଆଇନ ଘୋଷଣା କରିବା ପରେ ଏନେଇ ରହିଥିବା ଆଇନକୁ କଡାକଡି ପାଳନ କରିବାକୁ ପରିବେଶ ମନ୍ତ୍ରଣାଳୟ ପଦକ୍ଷେପ ନେଇଛି। ଏହାକୁ ଭିତ୍ତିକରି ପ୍ରଶାସନ ଏବେ ଗଜପତି ଜିଲାରେ ରାଜସ୍ୱ, ଖଣି ଏବଂ ପୋଲିସ ସହାୟତାରେ ସରକାରୀ ଜାଗା ଜବରଦଖଲ କରି ବେଆଇନ ଭାବେ ଗଢିଥିବା ଇଟାଭାଟିଗୁଡିକୁ ଭାଙ୍ଗିବା ସହ ଇଟା ଜବତ କରୁଛି।

# ବଢୁଛି ଟ୍ରାଫିକ୍ ସମସ୍ୟା, ହନ୍ତସନ୍ତ ଜନତା

ଜି.ଉଦୟଗିରି,୧୮।୩(ଚିନ୍ମୟ ସେଠୀ)

ଜି.ଉଦୟଗିରି ବାଇପାସ୍ ରୋଡ଼ ନିର୍ମାଣ ପାଇଁ ପ୍ରଶାସନର ଅବହେଳା ଯୋଗୁ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ବଢୁଛି। ଯାହାକୁ ନେଇ ଜନସାଧାରଣମାନେ ହନ୍ତସନ୍ତ ହେବା ସହ ଅସନ୍ତୋଷ ବଢୁଛି। ସର୍ଭେ କାର୍ଯ୍ୟକୁ ଅନେକ ମାସ ବିତି ସାରିଥିଲେ ମଧ୍ୟ କାମ ହେଉନାହିଁ। କନ୍ଧମାଳ ଜିଲା ଜି.ଉଦୟଗିରି ଏନ୍‌ଏସି ଏବଂ ୮ଟି ପଞ୍ଚାୟତର ପ୍ରାୟ ୪୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଜି.ଉଦୟଗିରି ସହର ଉପରେ ନିର୍ଭର କରନ୍ତି। ସହରରେ ଦୋକାନ ବଜାର ସହ ସମସ୍ତ ସରକାରୀ ବେସରକାରୀ ସ୍କୁଲ କଲେଜ, ଡାକ୍ତରଖାନା, ବ୍ୟାଙ୍କ ଭଳି ପ୍ରମୁଖ କାର୍ଯ୍ୟାଳୟ ରହିଛି। କଳିଙ୍ଗା ଠାରୁ ବାଲିଗୁଡ଼ା ରାଜ୍ୟ ରାଜପଥ ଏହି ସହର ଦେଇ ଯାଇଥିବା ବେଳେ ପ୍ରତିଦିନ ଅନେକ ଯାନବାହାନ ଯାତାୟାତ କରୁଛି। ଫଳରେ ବଜାର ସବୁବେଳେ ଗହଳି ରହିବା ସହ ଟ୍ରାଫିକ ସମସ୍ୟା ଦେଖା ଦେଉଛି। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ବାଇପାସ୍ ରୋଡ଼ ନିର୍ମାଣ ଦାବି ହେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ଦାବି ପୂରଣ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସ୍କୁଲ




ସହରରେ ହୋଇଥିବା ଟ୍ରାଫିକ୍ ଜାମ୍ ।

କଲେଜକୁ ସମୟରେରେ ପ୍ରବଳ ଭିଡ଼ ହେଉଛି। ମୁଖ୍ୟ ସଡ଼କଟି ଯଥେଷ୍ଟ ଚୌଡ଼ା ନ ଥିବା ବେଳେ ଉଠାଦୋକାନୀମାନେ ରାସ୍ତା କଡ଼ରେ ବସୁଥିବାରୁ ଟ୍ରାଫିକ୍ ଜାମ୍ ହେଉଛି। ସବୁ ସମସ୍ୟା ଉପରେ ଦୃଷ୍ଟି ରଖି ଏନଏସି ୱାର୍ଡ଼ ୧ ପଦାସାହି ନିକଟରୁ ଶ୍ରୀରାମପଦା ପର୍ଯ୍ୟନ୍ତ ବାଇପାସ୍ ରୋଡ଼ ନିର୍ମାଣ କରିବାକୁ ସରକାରଙ୍କ ନିକଟରେ ଦାବି କରିଥିଲେ ମଧ୍ୟ ପ୍ରଶାସନ ଓ ଜନପ୍ରତିନିଧିଙ୍କ ଉଦାସୀନତା ଯୋଗୁ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ବହୁ ମାସ ପୂର୍ବରୁ ବାଇପାସ୍ ରାସ୍ତା ପାଇଁ ବିଭାଗ ତରଫରୁ ସର୍ଭେ କରାଯାଇ ସ୍ଥାନ ନିରୂପଣ ପରେ ବିଭାଗ ନିକଟକୁ ପଠାଯାଇଥିଲା। ମାତ୍ର ଆଉ କୌଣସି ଅଗ୍ରଗତି ହୋଇନି। ପ୍ରଶାସନର ଅବହେଳା ଓ ନିଷ୍କ୍ରିୟତାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ନିର୍ବାଚିତ ସ୍ଥାନୀୟ ଲୋକ ପ୍ରତିନିଧି, ବିଧାୟକ, ଏମ୍‌ପି ଏ ଦିଗରେ ମଧ୍ୟ ନୀରବଦ୍ରଷ୍ଟା ସାଜିଥିବା ସାଧାରଣରେ ଆଲୋଚନା ହେଉଛି। ଅଞ୍ଚଳବାସୀଙ୍କ ସୁରକ୍ଷା ତଥା ସାମୁହିକ ବିକାଶକୁ ଗୁରୁତ୍ୱ ଦେଇ ଶୀଘ୍ର ବାଇପାସ୍ ରାସ୍ତା ନିର୍ମାଣ କରିବାକୁ ପ୍ରଶାସନଙ୍କୁ ଅଞ୍ଚଳବାସୀ ଦାବି କରିଛନ୍ତି।

